ବର୍ଷ-୨୬, ସଂଖ୍ୟା-୨୨୨
ଭୁବନେଶ୍ୱର
ଅଗଷ୍ଟ ୧୮, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 222
Bhubaneswar
August, 18 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଯାଜପୁର ଓ ଭଦ୍ରକରେ ବନ୍ୟା ସ୍ଥିତି ଯାଞ୍ଚ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୮ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବୋଟରେ ଯାଜପୁର ଓ ଭଦ୍ରକର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ବନ୍ୟାଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ।

ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ନିଆଯାଉଛି । ପ୍ରଭାବିତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ଲୋକଙ୍କ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୋସିଆଲ ଆକାଉଣ୍ଟ ଏକ୍ସରେ ଉଲ୍ଲେଖ କରିଛନ୍ତି।ବନ୍ୟା ପ୍ରଭାବିତଙ୍କ ପାଇଁ ସରକାରଙ୍କ ତ୍ୱରିତ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨, ୭୭,୬୫୫ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ୫୩୧ଟି ରିଲିଫ କ୍ୟାମ୍ପ କାର୍ଯ୍ୟରତ ରହିଛି। ୯୯ଟି ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି।





ଆଜି ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଦଶରଥପୁର ବ୍ଲକ୍‌ର କସପା ଓ ତରପଦା ପଞ୍ଚାୟତ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ତ୍ୱରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖିଛନ୍ତି। ଈଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି ।

ଏହି ଗସ୍ତ ଅବସରରେ ମାନ୍ୟବର ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୁରେଶ ପୂଜାରୀ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ଲୋକସଭା ସାଂସଦ (ଯାଜପୁର) ଡଃ ରବିନ୍ଦ୍ର ନାରାୟଣ ବେହେରା, ଏବଂ ମାନ୍ୟବର ରାଜ୍ୟସଭା ସାଂସଦ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହା ସହିତ ମାନ୍ୟବର ବିଧାୟିକା, ବିଞ୍ଝାରପୁର ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବିଧାୟକ, ବଡ଼ଚଣା ଅମର କୁମାର ନାୟକ, , ମାନ୍ୟବର ବିଧାୟକ, କୋରେଇ ଆକାଶ ଦାସନାୟକ, ମାନ୍ୟବର ବିଧାୟକ, ଧର୍ମଶାଳା, ହିମାଂଶୁ ଶେଖର ସାହୁ, ଏବଂ ମାନ୍ୟବର ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ ପ୍ରମୁଖ ସାମିଲ ଥିଲେ।

ପ୍ରଶାସନିକ ସ୍ତରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ,ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅବକାରୀ କମିଶନର, ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ , ଜିଲ୍ଲାପାଳ , ଯାଜପୁର, ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ,ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏବଂ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ,ବିଡ଼ିଓ, ତହସିଲଦାର ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଏହି ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବଙ୍ଗୋପସାଗରରେ ଅବପାତ : ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭।୮ : ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଅବପାତର ରୂପ ନେବା ପରେ ଏହା ଉତ୍ତର- ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର- ଉତ୍ତରପଶ୍ଚିମ ଏବଂ ପରେ ଉତ୍ତରପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଫଳରେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ବଡ଼ ବର୍ଷା ହୋଇପାରେ। ଏନେଇ ପାଣିପାଗର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।କେଉଁଝର, ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଦୁଇ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ସେହିପରି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ। ଏହା ସହ ପ୍ରବଳ ବର୍ଷା ନେଇ ବରଗଡ଼, ସୋନପୁର, ବୌଦ୍ଧ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।ସେହିପରି ମଙ୍ଗଳବାର ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଓ ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, କେଉଁଝର ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ଜାରି ହୋଇଛି ୟେଲୋ ଆଲର୍ଟ। ରାଜ୍ୟରେ ୨୨ ତାରିଖ ବର୍ଷା ଜାରି ରହିବ । ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୫ କି.ମି ପବନ ସର୍ବାଧିକ ୬୫ କି.ମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ସମୁଦ୍ର ଆସନ୍ତା ରହିବ। ତେଣୁ ମଙ୍ଗଳବାର ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

## ୪୨ ଲକ୍ଷ ଟଙ୍କା ହଡପ ଅଭିଯୋଗ, ତୁଷୁରା ପାକ୍ସର ପୂର୍ବତନ ସମ୍ପାଦକ ଗିରଫ

ଭୁବନେଶ୍ୱର, ୧୭।୮ : ଧାନ ସଂଗ୍ରହରେ ଦୁର୍ନୀତି ଓ ୪୨.୩୧ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ତୁଷୁରା ପ୍ୟାକ୍ସର ପୂର୍ବତନ ସମ୍ପାଦକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରା ପ୍ରାଥମିକ କୃଷି ସମବାୟ ସମିତି ର ପୂର୍ବତନ ସମ୍ପାଦକ ସନୋଜ କୁମାର ମିଶ୍ର। ତୁଷୁରା ପ୍ୟାକ୍ସର ତତ୍କାଳୀନ ସମ୍ପାଦକ ସନୋଜ ମିଶ୍ର ସ୍ଥାନୀୟ ଚାଷୀଙ୍କଠାରୁ ଧାନ ସଂଗ୍ରହ ପରିଚାଳନା କରିବା ଏବଂ କଷ୍ଟମ୍ ମିଲିଂ ପାଇଁ ନିର୍ଦ୍ଦିଷ୍ଟ (ଟ୍ୟାଗ୍ ହୋଇଥିବା) ଚାଉଳ ମିଲରମାନଙ୍କୁ ସମୟାନୁସାରେ ପଠାଯିବା ଦାୟିତ୍ୱରେ ଥିଲେ। ସରକାରୀ ପାଣ୍ଠି ବ୍ୟବହାର କରି କ୍ରୟ କରାଯାଇଥିବା ବିପୁଳ ପରିମାଣର ଧାନ ମିଲରମାନଙ୍କୁ ପ୍ରଦାନ କରାଯାଇ ନଥିଲା କିମ୍ବା ସୋସାଇଟିର ଷ୍ଟକ୍ ରେକର୍ଡରେ ଲେଖାଯାଇ ନଥିଲା। ଯାହା ଫଳରେ ସୋସାଇଟିକୁ ସିଧାସଳଖ ୪୨,୩୧, ୬୦୮ ଟଙ୍କା ଆର୍ଥିକ କ୍ଷତି ପହଞ୍ଚାଇଥିଲେ। ୨୦୧୪-୧୫ ଖରିଫ ମାର୍କେଟିଂ ଋତୁ ସମୟରେ ଆର୍ଥିକ ଅନିୟମିତତା ହୋଇଥିଲା। ଭିଜିଲାନ୍ସ ଟିମ୍ ଏହାର ତଦନ୍ତ କରି ତୁଷୁରା ପାକ୍ସର ପୂର୍ବତନ ସମ୍ପାଦକଙ୍କୁ ଗିରଫ କରିଛି।


## ରେଳ ଚଳାଚଳ ସୁଗମ ଭାବେ ଜାରି ରଖିବାକୁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଜାରି ରହିଛି ବର୍ଷା । ଅନେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି । ଲଗାଣ ବର୍ଷା ପାଇଁ କିଛି ସ୍ଥାନରେ ଟ୍ରେନ୍ ଟ୍ରାକ ଉପରେ ମଧ୍ୟ ପାଣି ଚାଲୁଥିବା ଦେଖିବାକୁ ମିଳିଛି । ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବେ ?ଷ୍ଣବ ଟ ଚଳାଚଳ ସ୍ଥିତି ସମୀକ୍ଷା କରିଛନ୍ତି । ପୂର୍ବତଟ ରେଳପଥ ଅଞ୍ଚଳରେ ଜାରି ରହିଥିବା ବର୍ଷା ଓ ରେଳ ଚଳାଚଳ ସ୍ଥିତିର ସମୀକ୍ଷା କରିଛନ୍ତି । ଜଳବନ୍ଦୀ ଅଞ୍ଚଳରେ ନଜର ରଖିବାକୁ ଦକ୍ଷିଣ-ପୂର୍ବ ମହାପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ।

ବାରିପଦା, ରୁପ୍ସା, ବାଙ୍ଗିରିପୋଷି ଏବଂ ରାଉରକେଲା-ବନ୍ଦମୁଣ୍ଡା ଭଳି ରେଳପଥରେ ଅତିରିକ୍ତ ସମ୍ବଳ ଓ କର୍ମଚାରୀ ନିୟୋଜିତ କରି ଟ୍ରେନ୍ ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । କହି ରଖୁଛୁ କି, ସୋମବାର ସକାଳେ ବାରିପଦା ଷ୍ଟସେନ ବଜାର ନିକଟରେ ଦବି ଯାଇଥିଲା ରେଳ ଧାରଣା । ଯେଉଁ କାରଣରୁ ୨ଟି ଟ୍ରେନ୍ ମଧ୍ୟ ବାତିଲ୍ ହୋଇଥିଲା । ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ଜାରି ରହିଛି ।

## ମନ୍ଦିରରେ ଦଳାଚକଟା, ୭ ମୃତ

ପାଟନା, ୧୭।୮ : ବିହାରର ଲକ୍ଷୀସରାଇ ଜିଲ୍ଲାସ୍ଥିତ ଅଶୋକ ଧାମ ମନ୍ଦିରରେ ସୋମବାର ଦଳାଚକଟାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏକ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ ସେଥିରୁ ଦଳାଚକଟା ହୋଇଥିଲା। ଆଜି ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଶିବ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ବିପୁଳ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା ବେଳେ ସକାଳ ପ୍ରାୟ ୬.୪୫ ମିନିଟରେ ଏହି ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଲକ୍ଷୀସରାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ଲକ୍ଷୀସରାଇ ଜିଲ୍ଲାପାଳ ଶୈଳେନ୍ଦ୍ର କୁମାର କହିଛନ୍ତି ଯେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଭିଡ଼ ଆଶାଠାରୁ ଅଧିକ ଥିଲା। ପ୍ରବଳ ଭିଡ଼ ଯୋଗୁଁ ବାରିକେଡର ଏକ ଅଂଶ ଭାଙ୍ଗିଯାଇଥିଲା, ଯାହା ଫଳରେ ଲୋକମାନେ ଜଣଙ୍କ ଉପରେ ଜଣେ ଖସିପଡ଼ିଥିଲେ। ଅନ୍ୟପକ୍ଷରେ କିଛି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି ଯେ ସେଠାରେ ଭିଡ଼ ନିୟନ୍ତ୍ରଣ



କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସୁରକ୍ଷା କର୍ମୀ ନଥିଲେ। ଭିତରକୁ ପ୍ରବେଶ କରିବା ପାଇଁ ଲୋକେ ପରସ୍ପରକୁ ଠେଲି ପକାଉଥିଲେ। ଅତୀତରେ ମଧ୍ୟ ଅଶୋକ ଧାମ ମନ୍ଦିର ପ୍ରାଙ୍ଗଣରେ ଦଳାଚକଟା ଘଟଣା ଘଟିଛି। ୨୦୧୯ ଅଗଷ୍ଟ ୧୨ ତାରିଖରେ ଅର୍ଥାତ୍ ପବିତ୍ର ଶ୍ରାବଣ ମାସରେ ଏକ ଦଳାଚକଡ଼ାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଥିଲେ।

## ବଢ଼ିଲା ହୀରାକୁଦ ଜଳସ୍ତର

ସମ୍ବଲପୁର ୧୭/୦୮ : ବଢ଼ୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ଜଳସ୍ତର ବୃଦ୍ଧି ଯୋଗୁଁ ହୀରାକୁଦର ଆଉ ୫ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଏବେ ମୋଟ ୭ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଏଥିରେ ବାମପାର୍ଶ୍ୱର ୫ଟି ଏବଂ ଡାହାଣପାର୍ଶ୍ୱର ୨ଟି ଗେଟ୍ ସାମିଲ ରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଏବେ ୬୧୯.୦୨ ମିଟର ରହିଛି। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ପରିମାଣ ବଢ଼ିଥିବାରୁ ଅଧିକ ପାଣି ନିଷ୍କାସନ କରାଯାଉଛି। ହୀରାକୁଦରୁ ଅଧିକ ପାଣି ଛଡ଼ାଯାଉଥିବାରୁ ମହାନଦୀ ଅବବାହିକାରେ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ଏହାକୁ ନଜରରେ ରଖି ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ରାକ୍ଷୀ ପୂର୍ଣ୍ଣମୀରେ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର, ୧୭।୮ (ମହାଭାରତ): ସୁଭଦ୍ରା ହିତାଧିକାରୀଙ୍କ ପାଇ ଖୁସି ଖବର। ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ୫ମ କିସ୍ତି। ନୟାଗଡରେ ରାଜ୍ୟସ୍ତରୀୟ ସମାବେଶରେ ଏହି ଟଙ୍କା ପ୍ରଦାନ କରାଯିବ। ଏ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ଓଡ଼ିଶା ସରକାରଙ୍କ ମହିଳା କଲ୍ୟାଣ ଯୋଜନା 'ସୁଭଦ୍ରା ଯୋଜନା'ର ଯୋଗ୍ୟ ହିତାଧିକାରୀମାନେ ଆସନ୍ତା ଅଗଷ୍ଟ ୨୮ ତାରିଖ, ରକ୍ଷାବନ୍ଧନ ଅବସରରେ ପଞ୍ଚମ କିସ୍ତିର ଆର୍ଥିକ ସହାୟତା ପାଇବେ। ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଦିଆଯିବ ସୁଭଦ୍ରା ଟଙ୍କା। ଅଗଷ୍ଟ ୨୮ ତାରିଖ ସୁଦ୍ଧା ଯେଉଁମାନେ ଆବେଦନ କରିଥିବେ ସେମାନଙ୍କୁ ମିଳିବ ସୁଭଦ୍ରା ଟଙ୍କା। ସେ କହିଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଞ୍ଚ ହୋଇ ସୁପାରିସ କରାଯାଇଥିବା ଆବେଦନଗୁଡ଼ିକ ମଧ୍ୟ ପଞ୍ଚମ କିସ୍ତିରେ ସାମିଲ ହେବ। ବାଦ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକା ସଙ୍ଗେ ୫ ଟି କିସ୍ତି ମିଳିବ ବୋଲି ଶ୍ରୀମତୀ ପରିଡା ସ୍ପଷ୍ଟ କରିଛନ୍ତି।

## ହୋଟେଲରେ ଅଗ୍ନିକାଣ୍ଡ, ୭ ମୃତ

କୋଲକାତା, ୧୭।୮ : ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ ଥିବା ତାରାପୀଠ ନିକଟସ୍ଥ ଗୋଟିଏ ହୋଟେଲରେ ବଡ ଅଘଟଣ। ଭୋର ସମୟରେ ହୋଟେଲରେ ଅଗ୍ନିକାଣ୍ଡ ଘଟି ଚାଲି ଯାଇଛି ୭ ଜୀବନ। ଏହି ଘଟଣାରେ ପୁଲିସ୍ ହୋଟେଲରେ ମାଲିକଙ୍କୁ ଗିରଫ କରିଥିବା ବେଳେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଉପରେ ଉଠିଛି ପ୍ରଶ୍ନ। ସୋମବାର ଭୋର ପ୍ରାୟ ୫ଟା ବେଳେ ବିଦେଶିନୀ ନାମକ ହୋଟେଲରେ ଘଟିଥିଲା ଅଗ୍ନିକାଣ୍ଡ। ତାରାପୀଠ ବୁଲିବାକୁ ଆସିଥିବା ଅନେକ ଶ୍ରଦ୍ଧାଳୁ ଉକ୍ତ ହୋଟେଲରେ ବିଶ୍ରାମ ନେଇଥିବା ବେଳେ ଏତେ ବଡ ଅଘଟଣ ଘଟିଥିଲା।ଅଗ୍ନିକାଣ୍ଡ ଯୋଗୁ ଅନେକ ଶ୍ରଦ୍ଧାଳୁ ହୋଟେଲ ମଧ୍ୟରେ ଫସି ଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ୭ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା। ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ଅନ୍ୟ ୨୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ୨ ଜଣଙ୍କୁ ଛାଡି ବାକି ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରି ଦିଆଯାଇଛି। ଏବେ ରାମପୁରହାଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଥିବା ୨ ଜଣଙ୍କ ଚିକିତ୍ସା ଚାଲିଛି। ବୀରଭୂମି ଏସ୍‌ପି ବିଦିତ ରାଜ ଭୁନ୍ଦେଶ ଅଗ୍ନିକାଣ୍ଡରେ ୭ ଜଣଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ହୋଟେଲ ମାଲିକ କଲ୍ୟାଣ ପଲଙ୍କୁ ଗିରଫ କରାଯାଇଛି। ହୋଟେଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡିଛି।



## ଅପହରଣ ଘଟଣାରେ ଦୁଇ ଅଟକ

ବଲାଙ୍ଗୀର, ୧୭।୮ (ମହାଭାରତ): ବଲାଙ୍ଗୀରର ବହୁଚର୍ଚ୍ଚିତ ନରେନ୍ଦ୍ର ସାହୁ ଅପହରଣ ଘଟଣାରେ ଆଉ ଦୁଇ ଅଟକ । ଅଟକଙ୍କ ଭିତରେ ଅଛନ୍ତି ଜଣେ ପୋଲିସ ଓ ଅନ୍ୟ ଜଣେ ନିଜକୁ ସାମ୍ବାଦିକ କହୁଥିବା ବ୍ୟକ୍ତି । ହନୁମାନ ଟଙ୍କା ପାଇଁ ବଲାଙ୍ଗିରର ବ୍ୟବସାୟୀ ନରେନ୍ଦ୍ର ସାହୁଙ୍କ ଘଟଣାରେ ନୂଆ ଟ୍ୱିଷ୍ଟ ଆସିଛି । ଗିରଫ ମାଷ୍ଟର ମାଇଣ୍ଡ କ୍ଷୀତିଶ ସାହୁର ଭଉଣୀ ପୋଲିସ ସବ ଇନସ୍ପ ?କ୍ଟର ସ୍ନେହା ମଞ୍ଜରୀ ସାହୁଙ୍କ ସମ୍ପୃକ୍ତି ନେଇ ଛାନଭିନ୍ ଚାଲିଛି । ଭାଇ ଭଉଣୀ କିଡନାପ୍ ରେ ସାମିଲ ଥିବା ନେଇ ଖୋଳତାଡ ହେଉଛି। ସ୍ନେହାମଞ୍ଜରୀ ସାହୁଙ୍କୁ ବଲାଙ୍ଗିର ରିଜର୍ଭ ପୋଲିସ ବାରାକ୍ ରେ ଜେରା କରାଯାଉଛି । ସେହିପରି ନିଜକୁ ସାମ୍ବାଦିକ କହୁଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଥିବା ସୂଚନା ମିଳିଛି, ଯାହାଙ୍କ ନାଁ ସଞ୍ଜୟ ଜେନା। ଉଭୟ ଙ୍କୁ ପଚରା ଉଚୁରା କରୁଛି ପୋଲିସ। ଅପହରଣ ପରେ ସ୍ନେହା ନିଦେ ସବୁ କିଛି ନିୟନ୍ତ୍ରଣ କରୁଥିବା ସୂଚନା ମିଳିଛି। କହି ରଖୁଛୁ କି, ଜଣାଶୁଣା ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ୍ ଗୁଣ୍ଡାଙ୍କୁ ଗତ ଶୁକ୍ରବାର ଅପରାହ୍ଣରେ ଅପହରଣ କରାଯାଇଥିଲା ।

# ଭାଗଚାଷୀଙ୍କୁ ମିଳିପାରେ ଆଇନଗତ ସ୍ୱୀକୃତି

ଭୁବନେଶ୍ୱର, ୧୭।୮ (ମହାଭାରତ): ରାଜ୍ୟରେ ଦୀର୍ଘବର୍ଷ ଧରି ନିଜର ହକ୍ ଓ ପରିଚୟ ପାଇଁ ସଂଘର୍ଷ କରୁଥିବା ଲକ୍ଷ ଲକ୍ଷ ଭାଗଚାଷୀଙ୍କୁ ଖୁବଶୀଘ୍ର ଆଇନଗତ ସ୍ୱୀକୃତି ମିଳିବ। ଏପରିକି ଆସନ୍ତା ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ବିଧାନସଭାରେ ଏ ସଂକ୍ରାନ୍ତ ବିଲ୍ ମଧ୍ୟ ଆସିବ। ରାଜ୍ୟରେ ପ୍ରକୃତ ଚାଷ କରୁଥିବା ଭାଗଚାଷୀମାନଙ୍କୁ ସରକାରୀ ସହାୟତା, ଋଣ ଓ କ୍ଷତିପୂରଣ ଯୋଗାଇବା ସହ ଜମିମାଲିକଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ ଏହି ପ୍ରସ୍ତାବିତ ଆଇନ ସହାୟକ ହେବ। ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଶାସନିକ ଓ ଶାସନ ସଂସ୍କାର କମିଟି ଏହି ସୁପାରିଶ କରିଛନ୍ତି।

'ପ୍ରକୃତ ଚାଷୀଙ୍କୁ ସ୍ୱୀକୃତି – ଓଡିଶାରେ ସମାବେଶୀ ଜମି ଲିଜ୍ ସଂସ୍କାର' ଜରିଆରେ ରାଜ୍ୟରେ ନୂଆ ଜମି ଲିଜ୍ ଆଇନ ପ୍ରଣୟନ ପାଇଁ କମିଟି ସୁପାରିସ କରିଛି ।ଏହି କମିଟିରେ ପୂର୍ବତନ ବରିଷ୍ଠ ପ୍ରଶାସକ ଓ.ପି. ଅଗ୍ରୱାଲ ଓ ଟି.ଏମ୍ ବିଜୟଭାସ୍କର ସଦସ୍ୟ ରହିଥିବାବେଳେ ଭୂସଂସ୍କାର ବିଶେଷଜ୍ଞ ପ୍ରଣବ ଆର. ଚୌଧୁରୀ ଓ ରାଜସ୍ୱ ବିଶେଷଜ୍ଞ ଧୀରେନ କୁମାର ଦାଶ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି।

ସରକାରଙ୍କ ନିକଟରେ ମହାପାତ୍ର କମିଟି ଦାଖଲ କରିଥିବା ନିଜର ରିପୋର୍ଟରେ ରାଜ୍ୟର ଭାଗଚାଷୀଙ୍କୁ ସୁରକ୍ଷା ଦେବା ସହ ଜମି ମାଲିକଙ୍କ ସ୍ୱାର୍ଥ ରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାଗଚାଷୀଙ୍କୁ କୌଣସି ପରିସ୍ଥିତିରେ ଜମିର ମାଲିକାନା ଅଧିକାର ମିଳିବ ନାହିଁ। ଜମି ଉପରେ ମୂଳ ମାଲିକଙ୍କ ଅଧିକାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ନିର୍ଦ୍ଦିଷ୍ଟ ଅବଧି ପାଇଁ ଚାଷ ଉଦ୍ଦେଶ୍ୟରେ ଜମି ଚୁକ୍ତିନାମା (ଲ୍ୟାଣ୍ଡ ଲିଜିଂ ଏଗ୍ରିମେଣ୍ଟ) ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଉଭୟ ପକ୍ଷଙ୍କ ମଧ୍ୟରେ ବିଶ୍ୱାସ ବାଢ଼ିବ।

ବିନା ଷ୍ଟାମ୍ପ ଡ୍ୟୁଟିରେ କେବଳ ନାମମାତ୍ର ଶୁଳ୍କ ଦେଇ ଗ୍ରାମ ରାଜସ୍ୱ ଅଧିକାରୀ, ସରପଂଚ, ବ୍ୟାଙ୍କ ଅଫିସର କିମ୍ବା ନୋଟାରୀଙ୍କ ଜରିଆରେ ଏହି ଚୁକ୍ତି ସରଳ ଭାବେ ପ୍ରମାଣିତ ହୋଇପାରିବ। ବ୍ୟାଙ୍କ ଓ ସମବାୟ ସମିତି ଜରିଆରେ ପ୍ରକୃତ ଚାଷ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଫସଲ ଋଣ ମିଳିବା ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା ହେବା ସହ ସରକାରୀ ଯୋଜନା ଓ ସବସିଡିଯୁକ୍ତ ବିହନ,ସାର, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ରାଶି ସିଧାସଳଖ



ଭାଗଚାଷୀଙ୍କୁ ମିଳିପାରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଫସଲ ହାନି ଘଟିଲେ ବୀମା ରାଶି ଓ ସରକାରୀ ରିଲିଫ୍ ସହାୟତା ଚାଷ କରିଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯିବ।

କମିଟି ରାଜ୍ୟରେ ଭାଗଚାଷର ସ୍ଥିତି (ଏନଏସଏସ ତଥ୍ୟ ଆଧାରରେ)କୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି ଯେ, ରାଜ୍ୟରେ ଭାଗଚାଷ ଜମିର ପରିମାଣ ୨୦୧୨-୧୩ ମସିହାରେ ୨୦.୬ % ଥିବାବେଳେ ୨୦୧୮-୧୯ ସୁଦ୍ଧା ତାହା ୩୯% କୁ ବୃଦ୍ଧି ପାଇଛି। ମୋଟ ଲିଜ୍ କ୍ଷେତ୍ରଫଳ ୧୬.୭ %ରୁ ବି ୩୧.୩ %ରେ ପହଂଚିଛି। ଜମି ଉପରେ ସ୍ୱତ୍ୱ ବା ମାଲିକାନା ହରାଇବା ଭୟରେ ମାଲିକମାନେ ଜମି ଲିଜ୍ ନଦେବାରୁ ପଡିଆ ଜମି ପରିମାଣ ୨୦୦୯ ମସିହାରେ ଥିବା ୨.୨୯ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩ ମସିହା ସୁଦ୍ଧା ଏହା ୭.୦୪ ଲକ୍ଷ ହେକ୍ଟରରେ ପହଂଚିଛି। ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଧାନ ଚାଷୀ ବାସ୍ତବରେ ଭାଗଚାଷ ଉପରେ ହିଁ ନିର୍ଭର କରନ୍ତି। ତଥାପି, ଓଡିଶା ଭୂସଂସ୍କାର ଆଇନ-୧୯୬୦ ର କଠୋର କଟକଣା ଯୋଗୁଁ ଅଣଆନୁଷ୍ଠାନିକ ଭାବେ ଚାଲିଥିବା ଭାଗଚାଷ କାରଣରୁ ଏହି ଚାଷୀମାନେ ବ୍ୟାଙ୍କ ଋଣ, ଫସଲ ବୀମା, ସାରବିହନ ରିହାତି, ପିଏମ୍-କିସାନ ଓ ସିଏମ୍-କିସାନ ଭଳି ମୌଳିକ କଲ୍ୟାଣକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ଏପରିକି ପୂର୍ବ ସରକାରର 'କାଳିଆ' ଯୋଜନାରେ ୪୦ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୫୭ ହଜାର ଭାଗଚାଷୀଙ୍କୁ ଲାଭ ମିଳିପାରିଥିଲା ।ଏହି ସମସ୍ୟାର ସମାଧାନ ପାଇଁ କମିଟି କେତେକ ବଳିଷ୍ଠ ସୁପାରିଶ ବା ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ନୂଆ ବ୍ୟବସ୍ଥାରେ ଜମି ଲିଜ୍ ଦେଲେ ମଧ୍ୟ ଜମି ମାଲିକଙ୍କ ମାଲିକାନା ଶତପ୍ରତିଶତ ସୁରକ୍ଷିତ ରହିବ ଓ ଭାଗଚାଷୀଙ୍କର କୌଣସି ରୟତି ବା ସ୍ଥାୟୀ ଦଖଲ ସତ୍ତ୍ୱ ସୃଷ୍ଟି ହେବ ନାହିଁ। ଏହି ଲିଜ୍ ଚୁକ୍ତି ସରକାରୀ ଖତିୟାନ ବା ପଟ୍ଟାରେ ଲିପିବଦ୍ଧ ନହୋଇ 'ଭୂଲେଖ' ସହ ସଂଯୁକ୍ତ ଏକ ସ୍ୱତନ୍ତ୍ର 'ଡିଜିଟାଲ୍ ଟେନାନ୍ସି ରେଜିଷ୍ଟ୍ରି' ରେ ରହିବ, ଯାହାମାଧ୍ୟମରେ ଭାଗ ଚାଷୀଜଣକ ବ୍ୟାଙ୍କ, ବୀମା କମ୍ପାନୀ ଓ ମଣ୍ଡିରେ ସମସ୍ତ ସୁବିଧା ପାଇପାରିବେ। ଚୁକ୍ତି ସରିବାପରେ ଜମି ମାଲିକ ନିଜ ଜମି ଫେରିପାଇବା ନେଇ ସରଳ ତଥା ତ୍ୱରିତ ଆଇନଗତ ବ୍ୟବସ୍ଥା ରହିବ।

ମିଶନ ଶକ୍ତି ଏସଏଚଜି, ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଓ କୃଷକ ଉତ୍ପାଦନ ଗୋଷ୍ଠୀ (ଏଫପିଓ)ଗୁଡିକୁ ସାମୂହିକ ଭାବେ ଜମି ଲିଜ୍ ନେବାର ଆଇନଗତ ଅଧିକାର ଦେବାକୁ ସୁପାରିସ କରାଯାଇଛି। ଆଦିବାସୀ ଜମି ସୁରକ୍ଷା ପାଇଁ ସିଡ୍ୟୁଲ ଏରିଆରେ କେବଳ ଆଦିବାସୀଙ୍କୁ ହିଁ ଲିଜ୍ ଦିଆଯିବା ସହ ଅଣସିଡ୍ୟୁଲ ଅଂଚଳରେ ଉପଜିଲ୍ଲାପାଳଙ୍କ ଅନୁମତି ବାଧ୍ୟତାମୂଳକ ରଖାଯାଇଛି। ଏହାସହିତ ପଂଚାୟତସ୍ତରରେ ଶୋଷଣ ରୋକିବା ପାଇଁ ଲିଗାଲ ଏଡ୍ କ୍ଲିନିକ୍ ପ୍ରତିଷ୍ଠା କରାଯିବାକୁ କମିଟି ସୁପାରିଶ କରିଛନ୍ତି। କୃଷି ବିଭାଗ ମଧ୍ୟ ବାସ୍ତବ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ସ୍ୱତନ୍ତ୍ର କୃଷକ କାର୍ଡ ବା ପରିଚୟ ପତ୍ର ପ୍ରଦାନ କରିବାକୁ କମିଟି ସୁପାରିଶ କରିଛନ୍ତି ।ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ କମିଟି ଏକ ସ୍ପଷ୍ଟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ସର୍ବସାଧାରଣଙ୍କ ସହ ଆଲୋଚନା କରାଯିବାପରେ ୨୦୨୬ ଅଗଷ୍ଟରୁ ଅକ୍ଟୋବର ମାସ ମଧ୍ୟରେ କୃଷକ ସଙ୍ଗଠନ, ବ୍ୟାଙ୍କ, ବୀମା କମ୍ପାନୀ ଓ ବିଶେଷଜ୍ଞଙ୍କ ସହ ବିସ୍ତୃତ ପରାମର୍ଶ କରାଯିବ। ନଭେମ୍ବର-ଡିସେମ୍ବର ରେ ଚିଠା ଆଇନର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇ ୨୦୨୭ ଫେବୃଆରୀ-ମାର୍ଚ୍ଚ ମଧ୍ୟରେ ବିଧାନସଭାରେ ବିଲ୍ ପାରିତ କରାଯାଇ ରାଷ୍ଟ୍ରପତିଙ୍କ ସମ୍ମତି ପାଇଁ ପଠାଯିବ। ରାଜ୍ୟ ସରକାର ଏହି ରିପୋର୍ଟକୁ ଗ୍ରହଣ କରି ଆଇନ ପ୍ରଣୟନ କଲେ 'ବିକଶିତ ଓଡିଶା: ଭିଜନ ୨୦୩୬ ଓ ୨୦୪୭' ର ଲକ୍ଷ୍ୟ ହାସଲ ସହ ରାଜ୍ୟ କୃଷି ଅର୍ଥନୀତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି କମିଟି ସୁପାରିଶ କରିଛନ୍ତି। ଅବଶ୍ୟ ମହାପାତ୍ର କମିଟିର ଏହି ସୁପାରିସ ଏବେ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି। ଯଦି ଏହା ଆଇନଗତ ରୂପ ନିଏ, ତେବେ ରାଜ୍ୟର କୃଷି ଅର୍ଥନୀତି ତଥା ଗ୍ରାମୀଣ କ୍ଷେତ୍ରରେ ଏକ ଐତିହାସିକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ଖବର

# କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀରର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିଷ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ।ୟ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ




ଆମ ସଂସ୍କୃତି ,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।

ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

# କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧର୍ନୁଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚଯର୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରିନଥାନ୍ତ । ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧର୍ନୁଚାଳନା ଭୁଲିଯିବ। ସେମିତି ହିଁ ହେଲା। ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

# ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନୀ ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

# ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ। ବୈଠକର ମୁଖ୍ୟ ନିଷ୍ପତି ଓ ଆଲୋଚନା ଅନୁଯାୟୀ ବର୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଂଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ମନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି।



ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି। ରବି ଋତୁ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୭୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୭୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସମ୍ ନର୍ସିଂରେ ସ୍ତନ୍ୟପାନ ସପ୍ତାହ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍ଏନ୍ସି) କ୍ୟାମ୍ପସ୍-୧ର ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ "ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍ଦେନ୍ ହ୍ୱାଟ ୱାର୍କ୍ସ" କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସଂପର୍କରେ ସଚେତନ କରାଯାଇଥିଲା।

ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍ଏନ୍ସି କ୍ୟାମ୍ପସ୍-୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ଶ୍ରୀମତୀ ରୁବି ପ୍ରଧାନ ପ୍ରସଙ୍ଗ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର ଆଦିତ୍ୟ ମହାପାତ୍ର ଏବଂ ଭୁବନେଶ୍ୱର ଏମ୍ସର ଶିଶୁରୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ସମରେନ୍ଦ୍ର ମହାପାତ୍ର, ଯୋଗ ଦେଇଥିଲେ।

# ପଣ୍ୟାଗାର ନିଗମ ପକ୍ଷରୁ ଲାଭାଂଶ ପ୍ରଦାନ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ସୋମବାର ଓଡ଼ିଶା ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ) ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨,୮୮,୩୭,୯୧୩/- ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ହେଉଛି ୧୯,୨୨,୫୨,୭୫୧/- ଟଙ୍କା। ଏହି ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ହେଉଛି ୫,୭୬,୭୫,୮୨୬/ ଟଙ୍କା।



ଏହି ଡିଭିଡେଂଟ ରାଶି କୁ ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୨,୮୮,୩୭,୯୧୩/- ଟଙ୍କା ପ୍ରଦାନ କରାଯାଇଅଛି। କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, , ପଣ୍ୟାଗାର ନିଗମର ସଚିବ ତଥା ବିତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ବରିଷ୍ଠ ଅଧୀକ୍ଷକ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା। ଏହାର ଷ୍ଟୋରେଜ୍ କ୍ଷମତା ହେଉଛି ୫,୨୧,୬୦୦ ମେଟ୍ରିକ ଟନ୍। ରାଜ୍ୟର ୩୦ଟି ଜିଲ୍ଲାରେ ୬୮ଟି ଗୋଦାମ ରହିଛି। ଏହାର ଭଣ୍ଡାରଣ କ୍ଷମତାର ସୁବିନିଯୋଗ ଯୋଗୁଁ ନିଗମ କ୍ରମାଗତ ଭାବରେ ଲାଭାନ୍ୱିତ ହେଉଛି।

# ମଣିଷ ଓ ଏଆଇ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ମଣିଷ ଓ ପ୍ରଯୁକ୍ତି ମଧ୍ୟରେ ସହଯୋଗ ଉପରେ ନିର୍ଭରଶୀଳ। ଏହା 'ମଣିଷ ବନାମ ଏଆଇ' ନୁହେଁ, ବରଂ 'ମଣିଷ ଓ ଏଆଇ'ର ସମନ୍ୱୟ ବୋଲି କହିଛନ୍ତି ମଧ୍ୟପ୍ରାଚ୍ୟ ଓ ଭାରତ ପାଇଁ ପ୍ରୋଟିଭିଟି ମେମ୍ବର ଫାର୍ମର ସିଇଓ ସଞ୍ଜୀବ ଅଗ୍ରୱାଲ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ୧୭ତମ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବ୍ରିଜିଂ ଦି ସ୍କିଲ୍ସ ଗ୍ୟାପ୍' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ଅଗ୍ରୱାଲ କହିଲେ, ଜେନେରେଟିଭ୍ ଏଆଇ ମାନବ ସମ୍ବଳ ନିଯୁକ୍ତି, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପରିଚାଳନା ଏବଂ କର୍ମଶକ୍ତିର ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣୁଛି। ଏଆଇ ଜ୍ଞାନ ଓ ଶିକ୍ଷଣ ସମ୍ବନ୍ଧୀୟ ସାଧନଗୁଡ଼ିକର ସୁଯୋଗକୁ ଗଣତାନ୍ତ୍ରିକ କରିବାର ସାମର୍ଥ୍ୟ ରଖିଛି। ଫଳରେ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଥିବା ଦକ୍ଷତାର




ଅଭାବକୁ ଦୂର କରିବାରେ ଏହା ସହାୟକ ହୋଇପାରିବ। ସଂଗଠନଗୁଡ଼ିକ ଦିନକୁ ଦିନ ଅଧିକ ପ୍ରଯୁକ୍ତିନିର୍ଭର ହେଉଥିବାରୁ ମାନବ ସମ୍ବଳ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ପହଞ୍ଚିଛି ବୋଲି ସେ କହିଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମିଳନୀର ଔପଚାରିକ ଉଦ୍‌ଘାଟନ କରି ଏଆଇକୁ ଦାୟିତ୍ୱପୂର୍ଣ୍ଣ ଏବଂ ମାନବକୈନ୍ଦ୍ରିକ ଢଙ୍ଗରେ ବ୍ୟବହାର କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦକ୍ଷତାର ଅଭାବ ଦୂର କରିବାରେ ଏଆଇର ଭୂମିକାକୁ ସ୍ୱୀକାର କରିବା ସହ ସେ ଏହାର ବ୍ୟବହାରରେ ସମାବେଶୀକରଣ ଏବଂ ନୈତିକ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ଏଚ୍ଆର୍ କ୍ଷେତ୍ରରେ ଏଆଇ ଭିତ୍ତିକ ପରିବର୍ତ୍ତନର ବଢୁଥିବା ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ବୃତ୍ତିଗତ ପରିବେଶରେ ନିରନ୍ତର ଦକ୍ଷତା ବୃଦ୍ଧି ଏବଂ ନୂତନ ଦକ୍ଷତା ହାସଲ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ସଞ୍ଜୀବ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ମିଳନୀ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଥିଲା।

# ପାରାଦୀପ ବନ୍ଦର ପ୍ରାଧିକରଣରେ ଆଇଏମପିସିସି ବୈଠକ

**ଭୁବନେଶ୍ୱର,୧୭।୮ (ମହାଭାରତ):** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ରର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇଏମପିସିସି)ର ଏକ ବୈଠକ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଯାଇଛି। ରଣନୀତିକ ଯୋଗାଯୋଗକୁ ସୁଦୃଢ଼ କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ଅଂଚଳରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ଶ୍ରୀ ପି.ଏଲ. ହରନାଧ ଦେଶର ପ୍ରମୁଖ ଶିଳ୍ପ ଏବଂ ସାମୁଦ୍ରିକ କେନ୍ଦ୍ର ଭାବରେ ପାରାଦୀପର ଦ୍ରୁତ ଅଭ୍ୟୁଦୟ ଉପରେ ଆଲୋକପାତ କରିଥିଲେ। ମାଲ ପରିବହନ କ୍ଷମତାରେ ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ହେବାର ମାଇଲଖୁଣ୍ଟ ହାସଲ କରିଛି ବୋଲି ଉଲ୍ଲେଖ କରି, ଶ୍ରୀ ହରନାଧ ରାଜ୍ୟର ସାମୁଦ୍ରିକ କାରବାରକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବା ପାଇଁ ପରିକଳ୍ପନା କରାଯାଇଥିବା ମହତ୍ୱାକାଂକ୍ଷୀ ରୂପରେଖ ଉପସ୍ଥାପନ କରିଥିଲେ। ସେ ଗଞ୍ଜାମ ଜିଲ୍ଲାର ବାହୁଦାରେ ଏକ ପୂର୍ଣ୍ଣାଙ୍ଗ ସାଟେଲାଇଟ୍ ବନ୍ଦର ବିକାଶ ବିଷୟରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ। ରୂପାନ୍ତରକାରୀ ଉପକୂଳ ଭିତ୍ତିଭୂମି ଉପରେ ଅଧିକ ଆଲୋକପାତ କରି ଶ୍ରୀ ହରନାଧ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ଯୋଜନା ରହିଛି। ଏହା ସ୍ଥାନୀୟ ନିଯୁକ୍ତି ଏବଂ ଦକ୍ଷ କର୍ମଶକ୍ତି ବିକାଶକୁ ପ୍ରୋତ୍ସାହନ ଦେବ। ସେ କହିଥିଲେ, ଉପକୂଳ ପର୍ଯ୍ୟଟନ ଏବଂ ଅନ୍ତର୍ଜାତୀୟ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ପୁରୀରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ଦିଗରେ ମଧ୍ୟ ପାରାଦୀପ ବନ୍ଦର ପ୍ରାଧିକରଣ ଆଗକୁ ବଢୁଛି। ଏହା ପୁରୀ ଭଳି ବିଶ୍ୱ ପ୍ରସିଦ୍ଧ ତୀର୍ଥସ୍ଥଳ ସହିତ କୋଣାର୍କ ଏବଂ ଚିଲିକାକୁ ନେଇ ଏକ ଚିତାକର୍ଷକ ସାମୁଦ୍ରିକ ପର୍ଯ୍ୟଟନ ସର୍କିଟ ବିକଶିତ କରିବ। ଏହି ବିକାଶମୂଳକ ମାଇଲଖୁଣ୍ଟଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଜନସାଧାରଣଙ୍କ ନିକଟରେ ପହଂଚାଇବା ଏବଂ ଜନମତକୁ ପ୍ରଭାବିତ କରିବା ଲାଗି ଆଇଏମପିସିସି ଭଳି ସଂସ୍ଥାଗତ ବ୍ୟବସ୍ଥା ମାଧ୍ୟମରେ ସମନ୍ୱିତ ବହୁ-ସଂସ୍ଥାଗତ ପ୍ରଚାରପ୍ରସାର ଅତ୍ୟନ୍ତ ଜରୁରୀ ବୋଲି ପିପିଏ ଅଧ୍ୟକ୍ଷ କହିଥିଲେ।

ବୈଠକରେ ଅଧ୍ୟକ୍ଷତା କରି, ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସି ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ଅଖିଳ କୁମାର ମିଶ୍ର ଗଣଯୋଗାଯୋଗରେ ସହାନୁଭୂତି ଏବଂ ଭାବପ୍ରବଣ ଉପସ୍ଥାପନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ପ୍ରକୃତ ସମ୍ପର୍କ ଏବଂ ନାଗରିକଙ୍କ ଆଶାକୁ ଠିକ୍ ଭାବେ ବୁଝି ନ ପାରିଲେ ଗଣଯୋଗାଯୋଗ ପ୍ରଭାବଶୂନ୍ୟ ହୋଇଥାଏ। ରାଷ୍ଟ୍ର ପ୍ରଗତିର ଏକ ମିଳିତ କାହାଣୀ ଉପସ୍ଥାପନ କରିବା ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ବ୍ୟବସ୍ଥିତ ସମନ୍ୱୟ ରହିବା ଅତି ଆବଶ୍ୟକ। ଏହି ସମ୍ମିଳନୀ ଆୟୋଜନ କରିବା ଏବଂ ଭିନ୍ନ ଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗ ନିମନ୍ତେ ଏକ ପ୍ରଭାବୀ ମଂଚ ଯୋଗାଇ ଦେବା ନିମନ୍ତେ ପିପିଏର ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଗଣମାଧ୍ୟମ ୟୁନିଟ୍, ବିଭାଗ ଏବଂ ସ୍ୱାୟତ୍ତ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ବୈଠକରେ ଦୂରଦର୍ଶନ, ଭୁବନେଶ୍ୱରର ଆଂଚଳିକ ସମାଚାର ୟୁନିଟର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା; ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ସୁଚିତ୍ରା ସାମଲ; ମାଇ ଭାରତ ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ମାଇ ଭାରତ ସହକାରୀ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସତ୍ୟଜିତ ରଥ, ଏନଆଇଟି ରାଉରକେଲାର ଲୋକ ସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକ, ଆକାଶବାଣୀ କଟକ ଆଂଚଳିକ ସମାଚାର ୟୁନିଟର ବାର୍ତ୍ତା ସମ୍ପାଦକ ନିର୍ମାଲ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟ ମିଟର ଲଗାଇ ରାଜ୍ୟବାସୀଙ୍କୁ ଶୋଷଣ କରୁଛି ବିଜେପି ସରକାର


**ଭୁବନେଶ୍ୱର,୧୭।୮ (ମହାଭାରତ):** ଓଇଆରସିର ନିଦ୍ରେଦଶ (ଭେଷ୍ଟିଂ ଅର୍ଡର) ମୁତାବକ ଟାଟା ପାୱାର ଓଡ଼ିଶାରେ ବିଜୁଳି ଶକ୍ତି ଭିତ୍ତିଭୂମିର ବିକାଶ କରିବା ପାଇଁ ୫ ହଜାର କୋଟିରୁ ଉଦ୍ଧ୍ୱର୍ ଟଙ୍କା ଖର୍ଚ୍ଚ କରିବାର ଥିଲା। ବର୍ତ୍ତମାନ ସୁଦ୍ଧା ଟାଟା ପାୱାର ଭିତ୍ତିଭୂମିର ବିକାଶ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛି, ସେ ବାବଦରେ କୌଣସି ଅଡିଟ୍ ହୋଇନାହିଁ। ଉପଭୋକ୍ତାଙ୍କ ଉପରେ ପୂର୍ବରୁ ଥିବା ସମସ୍ତ ବକେୟାକୁ ଟାଟା ପାୱାର ଜୁଲମ କରି ଆଦାୟ କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ଅରୁଣ ସାହୁ କହିଥିଲେ ଯେ, ସ୍ମାର୍ଟ ମିଟର ପାଇଁ ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଅନୁଦାନ ଦେଇଛନ୍ତି। ତନ୍ମଧ୍ୟରୁ ୩୦୭ କୋଟି କମ୍ପାନୀ ଦ୍ୱାରା ପୂର୍ବରୁ ସ୍ଥାପିତ ହୋଇଥିବା ମିଟର ପାଇଁ ଏବଂ ୪୨୮ କୋଟି ଟଙ୍କା ନୂତନ ସ୍ମାର୍ଟ ମିଟର ସ୍ଥାପନ ନିମନ୍ତେ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ପୂର୍ବରୁ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଥିବା ସ୍ମାର୍ଟ ମିଟରର ଖର୍ଚ୍ଚ ସରକାର ବହନ କଲେ ମଧ୍ୟ ଆଦାୟ କରାଯାଇଥିବା ଭଡା (ମିଟର ରେଣ୍ଟ) ଉପଭୋକ୍ତାଙ୍କୁ ଫେରାଯାଉ ନାହିଁ କାହିଁକି? ୟୁପି, ଦିଲ୍ଲୀ ଓ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ମାନଙ୍କରେ ସ୍ମାର୍ଟ ମିଟରର ମୂଲ୍ୟ ୩ ହଜାର ଟଙ୍କାରୁ କମ୍ ଥିଲା ବେଳେ ଓଡିଶାରେ ଏହା ୩,୯୯୩ ଟଙ୍କା ବୋଲି ବିତରଣ କମ୍ପାନୀ ଦର୍ଶାଇଛି। ରାଜ୍ୟ ସରକାର ସିଏଜି ଅଡିଟ୍ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ। ପ୍ରତ୍ୟେକ ବିତରଣ କମ୍ପାନୀର ରାଜସ୍ୱ ଆଦାୟ, ଭିତ୍ତିଭୂମି ବିକାଶ ନିମନ୍ତେ ଖର୍ଚ୍ଚ ତଥା ଲାଭ କ୍ଷତି ବାବଦରେ ବାର୍ଷିକ ରିପୋର୍ଟ ସାର୍ବଜନୀନ କରାଯାଉ। ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ବାହାନାରେ ଟାଟା ପାୱାର ବିଜୁଳି ଦର ବୃଦ୍ଧି କରିବାକୁ ଓଇଆରସି ନିକଟରେ ଦାବି କରିଆସୁଛି। ରାଜ୍ୟ ବାହାରର ଏଜେନ୍ସି ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ସ୍ଥାନୀୟ ଯୁବକମାନଙ୍କୁ ଛଟେଇ କରାଯାଉଛି।



ବେଦାନ୍ତ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳନ

# ନିଯୁକ୍ତି କ୍ଷେତ୍ରରେ ସରକାର ପ୍ରତିଶ୍ରୁତି ପାଳନରେ ବିଫଳ

**ଭୁବନେଶ୍ୱର,୧୭।୮ (ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ତାଙ୍କ ସରକାର ଦ୍ୱାରା ଆୟୋଜିତ ୧୬ତମ ନିଯୁକ୍ତି ମେଳାରେ ଯୋଗଦେଇ ରାଜ୍ୟରେ ବେକାରୀ ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ତାଙ୍କ ସରକାର ତତ୍ପର ଅଛନ୍ତି ବୋଲି କହିଥିବା ବେଳେ ନିଯୁକ୍ତି ଦେବା କ୍ଷେତ୍ରରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବିଜୁ ଜନତା ଦଳ କହିଛି। ଏହାଛଡା ବିଜେପି ସରକାର ଗତ ୨ ବର୍ଷରେ ୪୫,୦୦୦ ଯୁବକଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଯେଉଁ ଦାବି କରୁଛନ୍ତି ତାହା ଭ୍ରମାତ୍ମକ, କାରଣ ଏହା ମଧ୍ୟରୁ ପ୍ରାୟ ୩୯,୦୦୦ ନିଯୁକ୍ତିର ବିଜ୍ଞପ୍ତି ନବୀନ ସରକାରଙ୍କ ସମୟରେ ହୋଇଥିଲା। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ନିଯୁକ୍ତି ସମ୍ବନ୍ଧରେ ବିଜେପି ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ବକ୍ତବ୍ୟରେ ଗତ ୨ ବର୍ଷରେ ତାଙ୍କ ସରକାର ଦ୍ୱାରା ୪୫,୦୦୦ ସରକାରୀ ପଦବୀରେ ନିଯୁକ୍ତି ଦିଆଯାଇଛି ବୋଲି କହିଥିଲେ, ଯାହା ଭ୍ରମାତ୍ମକ। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗତ ୨ ବର୍ଷରେ ଦିଆଯାଇଥିବା ନିଯୁକ୍ତି ଓ ଏହି ପଦବୀ ଗୁଡିକରେ ନିଯୁକ୍ତି ପାଇଁ କେବେ ବିଜ୍ଞାପନ ଦିଆଯାଇଥିଲା ତାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ତଥ୍ୟ ଅନୁଯାୟୀ, ଦିଆଯାଇଥିବା




ସମୁଦାୟ ୪୫,୦୦୦ ନିଯୁକ୍ତି ମଧ୍ୟରୁ, ୩୯,୦୦୦ ପଦବୀ ପାଇଁ ୨୦୨୦ରୁ ୨୦୨୩ ମସିହା ମଧ୍ୟରେ ନବୀନ ସରକାରଙ୍କ ଦ୍ୱାରା ବିଜ୍ଞାପନ ଦିଆଯାଇଥିଲା। ଏହାର ଅର୍ଥ, ବିଜେପି ସରକାରଙ୍କ ଦ୍ୱାରା ମାତ୍ର ୬,୦୦୦ ସରକାରୀ ପଦବୀରେ ନୂତନ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଗତ ୨ ବର୍ଷରେ ନିଯୁକ୍ତି କ୍ଷେତ୍ରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ବିଜେପି ତାର ନିର୍ବାଚନ ଇସ୍ତାହାରରେ ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହି ଅନୁସାରେ, ୨ ବର୍ଷରେ ୬୫,୦୦୦ ପଦବୀରେ ନିଯୁକ୍ତି ଦେବା କଥା, କିନ୍ତୁ ମାତ୍ର ୬,୦୦୦ ପଦବୀରେ ନିଯୁକ୍ତି ଦେଇଛନ୍ତି। ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜେପି ସରକାରଙ୍କ ୨୪ ମାସ ଶାସନରେ, ବିଭିନ୍ନ ପଦ ପଦବୀରେ ସରକାରୀ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷା ମଧ୍ୟରୁ ୨୪ଟି ପରୀକ୍ଷା ବାତିଲ ହୋଇଛି, ଯାହା ସରକାରଙ୍କର ପାରିବା ପଣିଆକୁ ପ୍ରଦର୍ଶିତ କରୁଛି। ସରକାରୀ ତଥ୍ୟ ଅନୁସାରେ ଜାନୁଆରୀ ୨୦୨୬ ସୁଦ୍ଧା, ୯୪,୪୮୫ଟି ସରକାରୀ ଚାକିରି ଖାଲି ପଡିଛି। ଏହାଛଡା, ଘରୋଇ ଶିଳ୍ପ କ୍ଷେତ୍ରରେ, ନିଯୁକ୍ତି ସୁଯୋଗ ସୃଷ୍ଟି କରି ରାଜ୍ୟର ୩.୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା, ଯାହା ଏକ ଧୂଆଁବାଣରେ ପରିଣତ ହୋଇଛି। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟର ବେକାରୀ ହାର ବୃଦ୍ଧି ପାଇଛି। ନିଯୁକ୍ତି କ୍ଷେତ୍ରରେ ଉପଲବ୍ଧ ଥିବା ସମସ୍ତ ତଥ୍ୟକୁ ଅନୁଧ୍ୟାନ କଲେ ବିଜେପି ସରକାରଙ୍କ ବିଫଳତା ଜଳଜଳ ହୋଇ ଦିଶୁଛି, ହେଲେ ବିଜେପି ସରକାର ଲୋକଙ୍କୁ ଭ୍ରମିତ କରିବା ସହିତ ନିଜ ପିଠି ନିଜେ ଆପୁଡ଼େଉଛନ୍ତି।

## ବିରୋଧୀଙ୍କ ପକ୍ଷ ଛେଦନ

ସଂସଦରେ ଏନଡିଏର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ତେବେ ଏହି ସଂଖ୍ୟା ବିଶେଷ ଫରକ ପକାଇବାର ନାହିଁ। ଏହା କେବଳ ଏକ ନୈତିକ ବଳ ବଢ଼ାଇବ। ବିଜେପି ଏହାର ପୁରୁଣା ସାଥୀକୁ ଫେରିପାଇବା ଏକ ମହତ୍ୱପୂର୍ଣ୍ଣ ଘଟଣଶ। ୨୦୨୯ରେ ଏହା କ୍ରମାଗତ ଚତୁର୍ଥ ଥର ଲାଗି ଏନଡିଏର ବିଜୟରେ ସହାୟକ ହେବ। ଗତ ସାଧାରଣ ନିର୍ବାଚନ ବେଳେ ବିଜେପି ନେତୃତ୍ୱାଧିନ ଏନଡିଏର ନାରା ଥିଲା ଅବ କି ବାର ଚାର ଶୋ ପାର। ଅର୍ଥାତ ଏଥର ଲୋକସଭାରେ ଏନଡିଏ ୪୦୦ରୁ ଅଧିକ ଆସନ ଦଖଲ କରିବ। କିନ୍ତୁ ତାହା ହୋଇପାରିଲା ନାହିଁ। ବିଜେପି ଏକାକି ୨୪୦ ଆସନ ଜିତିଲା, ଏନଡିଏର ସଂଖ୍ୟା ୩୦୦ ତଳେ ଅଟକି ଗଲା। ୟୁପି, ମହାରାଷ୍ଟ୍ର, ରାଜସ୍ଥାନ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ବିଜେପିର ପ୍ରଦର୍ଶନ ସନ୍ତୋଷଜନକ ନହେବାରୁ ଏନଡିଏ ୩୦୦ ଟପିପାରିଲାନି। ତେଣୁ ଏନଡିଏକୁ ନିରାଶ ହେବାକୁ ପଡ଼ିଲା। ଯାହା ବି ହେଉ କେନ୍ଦ୍ରରେ ସରକାର ଗଠିତ ହେଲା। କିନ୍ତୁ ସଂଖ୍ୟା କମ ହେତୁ ଅନେକ ସମୟରେ ଏନଡିଏକୁ ସଂସଦରେ ସାଲିସ କରିବାକୁ ପଡୁଛି। ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନର ଆବାଶ୍ୟକତା ରହିଛି। ଲୋକସଭା କିମ୍ବା ରାଜ୍ୟସଭାରେ ଏନଡିଏ ସପକ୍ଷରେ ଏହି ସଂଖ୍ୟା ନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ କାଟ ଖାଇଗଲା। ଏହା ମୋଦି ସରକାରଙ୍କ ପ୍ରତି ଶକ୍ତ ଧକ୍କା ହେଲା। ଏହି ପରିପ୍ରେକ୍ଷୀରେ ଏନଡିଏ ପକ୍ଷରୁ ଏବେ ସଂସଦରେ ସଂଖ୍ୟା ବୃଦ୍ଧି ଲାଗି ଯୋଜନାବଦ୍ଧ ପ୍ରୟାସ ଆରମ୍ଭ ହୋଇଛି। ଉଦ୍ଦେଶ୍ୟ ହେଲା ୨୦୨୯ ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଗୃହୀତ କରାଇବା ଏବଂ ଏହି ଆଧାରରେ ମହିଳା ସଂରକ୍ଷଣ ବିଲ ମଧ୍ୟ ଗୃହୀତ କରାଇ ପରବର୍ତ୍ତୀ ନିର୍ବାଚନ ଲଢ଼ିବା। କିନ୍ତୁ ବିରୋଧୀ ଦଳ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏହାକୁ ଅନୁଭବ କରି ବିଜେପି ସଂସଦରେ ନିଜର କଳେବର ବୃଦ୍ଧି ସହ ବିରୋଧୀଙ୍କ ପକ୍ଷ ଛେଦନ ଲାଗି ପ୍ରୟାସ କରୁଛି। କିଛିଟା ସଫଳତା ମଧ୍ୟ ମିଳିଛି। ବିରୋଧୀ ଇଣ୍ଡିମେଣ୍ଟର ଚତୁର୍ଥବୃହତ୍ତମ ଦଳ ଡିଏମକେ ମେଣ୍ଟରୁ ଓହରିଯାଇଛି। ଏହା ଏନଡିଏରେ ସାମିଲ ହେବ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ରାଜନୀତିରେ ସବୁ କିଛି ସମ୍ଭବ। ସେହିପରି ଟିଏମସି ସଂସଦୀୟ ଦଳରେ ବିଭାଜନ ସ୍ପଷ୍ଟ ହୋଇଯାଇଛି। ଟିଏମସିର ୨୦ ଜଣ ସାଂସଦ ଏକାଠି ହୋଇ ଲୋକସଭାରେ ଅଲଗା ବସିବାକୁ ଏବଂ ଏନଡିଏ ସହ ରହିବାକୁ ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି। ଆପର ୭ଜଣ ସଭ୍ୟ ବିଜେପିରେ ସାମିଲ ହୋଇଛନ୍ତି। ବିଜେଡିର ଜଣେ ସଭ୍ୟ ରାଜ୍ୟସଭାରୁ ଇସ୍ତଫା ଦେଇ ପୁନଃ ନିର୍ବାଚନ ଲଢ଼ି ବିଜେପି ସଭ୍ୟଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଟିଏମସିର ୩ଜଣ ରାଜ୍ୟସଭା ସଦସ୍ୟ ମଧ୍ୟ ଇସ୍ତଫା ଦେଇଛନ୍ତି। ସେମାନେ ଶୀଘ୍ର ବିଜେପିରେ ମିଶି ପୁନର୍ବାର ରାଜ୍ୟସଭାକୁ ଯାଇଛନ୍ତି। ରାଜ୍ୟସଭାରେ ଏନଡିଏ ଦ୍ରୁତ ଗତିରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଦିଗରେ ଅଗ୍ରସର ହେଉଛି। ସାଧାରଣ ନିର୍ବାଚନକୁ ଆହୁରି ୩ ବର୍ଷ ବାକି ଅଛି। ଏହା ପୂର୍ବରୁ ରାଜ୍ୟସଭାରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ ସୁନିଶ୍ଚିତ। ଲୋକସଭାରେ ମଧ୍ୟ ଟିଏମସି, ଡିଏମକେ ବିନା ବିରୋଧୀ ଦୁର୍ବଳ ହୋଇଗଲେ ଏହି ସୁଯୋଗରେ ସରକାର ସମ୍ବିଧାନ ସଂଶୋଧନ ବିଲ ଗୃହୀତ କରାଇପାରନ୍ତି। ଜେଏମଏମ, ଶିବସେନା(ଉଦ୍ଧବ), ଏନସିପି(ଶରଦ ପାୱାର) ଭଳି କେତେକ ଦଳର ସାଂସଦମାନେ ବିଜେପି ସହ ସମ୍ପର୍କରେ ଅଛନ୍ତି। ଯଦି ଲୋକସଭାରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ ପୁନର୍ବାର ଆଗତ ହୁଏ ତେବେ ଏହା ସପକ୍ଷରେ ପୂର୍ବାପେକ୍ଷା ଅଧିକ ଭୋଟ ମିଳିବା ସୁନିଶ୍ଚିତ। ଯେଉଁ ଦିନ ବିଜେପି ବା ନରେନ୍ଦ୍ର ମୋଦି ଅନୁଭବ କରିବେ ଯେ, ସଂସଦର ଉଭୟ ଗୃହରେ ସେମାନଙ୍କ ସପକ୍ଷରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ରହିଛି, ସେହିଦିନ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯିବ।

“

*;ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ’ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ’ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ’ଣ ବୁଝନ୍ତି ଓ ଦେଖନ୍ତି ।*

## ଭିତରକନିକାର ଭିତିରି କଥା

**॥ ଡ. ଗଣେଶ ଚନ୍ଦ୍ର କୁଣ୍ଡ ॥**

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ୍ୟ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧ୍ୟରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।




ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା’ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ’ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧ୍ୟମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା’ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧ୍ୟମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ’ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ’ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ’ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା’ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ’ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧ୍ୟମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ’ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା’ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ’ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା’ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

## ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍ସଙ୍ଗର ଆହ୍ୱାନ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା’ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉକ୍ତ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି ‘ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନଂକମ୍ ଚତୁର୍ବିଧମ୍ ।’ ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଲିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

**॥ ଡାକ୍ତର କାନ୍ତୀ ନାୟକ ॥**

ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍‌ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କାର୍ମେଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ '୮୦'ତମ ସ୍ୱାଧୀନତା ଦିବସ ପାଳିତ

ଜଟଣୀ, (ମହାଭାରତ) : କାର୍ମେଲ ଇଂରାଜୀ ମିଡିୟମ ସ୍କୁଲ, ଖୋର୍ଦ୍ଧା ପକ୍ଷରୁ ଭାରତର ୮୦ତମ ସ୍ୱାଧୀନତା ଦିବସ ଦେଶପ୍ରେମ, ଉତ୍ସାହ ଓ ଗର୍ବର ସହିତପାଳନ କରାଯାଇଥିଲା । ଏହି ଉତ୍ସବର ଉଦ୍ଦେଶ୍ୟ ଥିଲା ଭାରତର ଐତିହାସିକ ସ୍ୱାଧୀନତା ପ୍ରାପ୍ତିକୁ ସ୍ମରଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ, ନାଗରିକ



ଦାୟିତ୍ୱବୋଧ ଏବଂ ସମ୍ବିଧାନରେ ନିହିତ ଆଦର୍ଶ ପ୍ରତି ସମ୍ମାନର ଭାବନାସୃଷ୍ଟି କରିବା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ,ମୁଖ୍ୟ ବକ୍ତା ରୂପେ ସବ ରେଜିଷ୍ଟ୍ରର ଅନୁପ କୁମାର ପରମଗୁରୁ, ସମ୍ମାନିତ ଅତିଥି ରୂପେ ବିଏସଏଫ ଡେପୁଟି କାମାଣ୍ଡାଣ୍ଟ , ବିଏସଏଫ ୧୧୦ ବାଟାଲିୟନ ଡେପୁଟି କାମାଣ୍ଡାଣ୍ଟ ଶ୍ରୀ ନିରଜ କୁମାର, ଏବଂ ଶ୍ରୀମତୀ କେରେନ ପାଣି, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀଙ୍କ ସମେତ ବିଏସଏଫ ର ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ ।ବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କୁ ସୌହାର୍ଦ୍ଦପୂର୍ଣ୍ଣ ସ୍ୱାଗତ ଜଣାଯାଇଥିଲା । ପରେ ଯଥା ଯୋଗ୍ୟ ମର୍ଯ୍ୟାଦା ଓ ସମ୍ମାନର ସହିତ ଜାତୀୟ ପତାକା ଉତ୍ତୋଳନ କରାଯିବା ସଙ୍ଗେ ସଙ୍ଗେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହା ସମଗ୍ର ବିଦ୍ୟାଳୟ ପରିସରରେ ଜାତୀୟ ଗର୍ବ ଓ ଏକତାର ଭାବନା ସୃଷ୍ଟି କରିଥିଲା ।ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ସିନିୟର ସେକେଣ୍ଡାରୀ ବାଳକ ଓ ବାଳିକା, ବିଭିନ୍ନ ହାଉସ୍‌ର ଛାତ୍ରଛାତ୍ରୀ ଏବଂ ଆଶା ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱାଧୀନତା ଦିବସ ପ୍ୟାରେଡ୍ । ଚୟନିତ ଛାତ୍ର କମାଣ୍ଡର ମାନେଅତ୍ୟନ୍ତ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସଠିକତାର ସହିତ ନିଜ ନିଜ ଦଳକୁ ନେତୃତ୍ୱ ଦେଇଥିଲେ । ସୁସମନ୍ୱିତ ପ୍ୟାରେଡ୍‌ରେ ନେତୃତ୍ୱ,ଶୃଙ୍ଖଳା, ଦଳଗତ କାର୍ଯ୍ୟ, ନିଷ୍ଠା ଓ ଦେଶସେବା ଭଳି ମୂଲ୍ୟବୋଧର ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳିଥିଲା ।ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଦେଶଭକ୍ତିମୂଳକ ଓ ସାଂସ୍କୃତିକ ପ୍ରସ୍ତୁତି ଦ୍ୱାରା ଉତ୍ସବଟି ଆହୁରି ସମୃଦ୍ଧ ହୋଇଥିଲା । ପ୍ରେରଣାଦାୟକ କଭାଷଣ, ଦେଶ ଭକ୍ତିମୂଳକ ସଙ୍ଗୀତ, ନୃତ୍ୟ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଦେଶର ସ୍ୱାଧୀନତା ପାଇଁ ସେମାନଙ୍କର ମହାନ ବଳିଦାନକୁ ସ୍ମରଣକରିଥିଲେ ।

## ବୁଡ୍ରାପାରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅନିୟମିତ ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନକୁ ନେଇ ଅଭିଯୋଗ

ରାଇଘର, (ମହାଭାରତ) : ସରକାର ଦୁର୍ଗମ ଓ ସୀମାନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ମଧ୍ୟାହ୍ନ ଭୋଜନ ମାଧ୍ୟମରେ ପୋଷଣ ଯୋଗାଇବା ପାଇଁ ବିଭିନ୍ନ ଯୋଜନାରେ ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି । ତେବେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଛତିଶଗଡ଼ ସୀମାନ୍ତବର୍ତ୍ତୀ କେତେକ ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନର ମାନକୁ ନେଇ ଅଭିଯୋଗ ସାମ୍ନାକୁ ଆସିଛି ।ମହଣ୍ଡ ପଞ୍ଚାୟତ ଅଧୀନ ବୁଡ୍ରାପାରା ପ୍ରାଥମିକ ବିଦ୍ୟାଳୟରେ ଜଣେ ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଥିବା ବେଳେ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବାଗ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହୁନଥିବା ନେଇ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହା ଫଳରେ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଥିବା ନେଇ ମଧ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନକୁ ନେଇ ମଧ ପ୍ରଶ୍ନ ଉଠିଛି । ନିର୍ଦ୍ଧାରିତ ତାଲିକା ଅନୁଯାୟୀ ନିୟମିତ ଭାବେ ଖାଦ୍ୟ ପରିବେଷଣ କରାଯାଉନଥିବା ସହ ଅଣ୍ଡା ଓ ମାଣ୍ଡିଆ ଲଡ୍ଡୁ ଭଳି ପୋଷଣ ସମ୍ପର୍କିତ ସାମଗ୍ରୀ ବଣ୍ଟନରେ ମଧ ଅନିୟମିତତା ଥିବା ନେଇ ଅଭିଯୋଗ ହୋଇଛି ।ଏଥିସହ ପ୍ରଧାନଶିକ୍ଷକ ବିଦ୍ୟାଳୟର ଦାୟିତ୍ୱ ଠିକ୍ ଭାବେ ତୁଲାଇବା ପରିବର୍ତ୍ତେ ଅନ୍ୟ ବ୍ୟବସାୟ ଓ ନୀଳଗିରି ଚାଷରେ ସମୟ ଦେଉଥିବା ନେଇ ମଧ ଅଭିଯୋଗ ଆସିଛି । ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ସମ୍ପର୍କରେ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

## ଇଫକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଙ୍କ ପତ୍ନୀ ବିୟୋଗ



ପାରାଦୀପ, (ମହାଭାରତ) : ଇଫକୋ ପାରାଦ୍ୱୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଙ୍କ ଧର୍ମ ପତ୍ନୀ ରୀନା ବେଉରା ଙ୍କ ୪୮ ବର୍ଷ ବୟସରେ ଚିକିତ୍ସା ଅବସ୍ଥାରେ ବାଙ୍ଗାଲୋର ସ୍ଥିତ ଆପୋଲୋ ହସ୍ପିଟାଲରେ ସୋମବାର ଦିନ ଦେହାନ୍ତ ହୋଇଯାଇଛି । ସେ ଜଣେ ପରୋପକାରୀ, ଧର୍ମ ପରାୟଣ ମହିଳା ଥିଲେ । ତାଙ୍କର କୁସୁନପୁର ସ୍ଥିତ ଗ୍ରାମରେ କାଲି ଅନ୍ତିମ ସଂସ୍କାର କରିଯିବ ।

## ପାରାଦୀପ ବିଜେଡି ଉପସଭାପତି ଉଲ୍ଲାସ କୁମାର ବିଶ୍ୱାଳଙ୍କ ପରଲୋକ

ପାରାଦୀପ, (ମହାଭାରତ) : ପାରାଦୀପ ନଗର ବିଜେଡିର ଉପସଭାପତି ତଥା ପୂର୍ବତନ ବିଜେଡି ବିଧାୟକଙ୍କ ପାରାଦୀପ ପ୍ରତିନିଧି ଉଲ୍ଲାସ କୁମାର ବିଶ୍ୱାଳ (୫୭) ଙ୍କର ଭୁବନେଶ୍ୱରସ୍ଥିତ ସ୍ପର୍ଶ ହସପିଟାଲରେ ଅଗଷ୍ଟ ୧୪ ତାରିଖ ଶୁକ୍ରବାର ରାତି ୨ଟା ସମୟରେ ପରଲୋକ ହୋଇ ଯାଇଛି । କ୍ୟାନ୍ସର ରୋଗରେ ପୀଡିତ ଶ୍ରୀ ବିଶ୍ୱାଳ ବର୍ଷାଧିକ କାଳ ଧରି ଚିକିତ୍ସିତ ହୋଇ ଆସୁଥିବା ବେଳେ ହଠାତ୍ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖା ଦେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲ ଭର୍ତ୍ତିକରାଯାଇଥିଲା । ତେବେ ସେଠାରେ ଡାକ୍ତର ଚିକିତ୍ସା ଜାରି ରଖିଥିଲେ ହେଁ ଅଗଷ୍ଟ ୧୪ ତାରିଖ ଶୁକ୍ରବାର ବିଳମ୍ବିତ ରାତିରେ ଶ୍ରୀ ବିଶ୍ୱାଳ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହସପିଟାଲରୁ ତାଙ୍କ ପାର୍ଥିବ ଶରୀର ପାରାଦୀପସ୍ଥିତ ତାଙ୍କ ବାସ ଭବନକୁ ଅଣା ଯାଇଥିଲା । କିଛି ସମୟ ପରେ ସେଠାରୁ ନୂଆବଜାର କଲୋନୀସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟାଳୟକୁ ତାଙ୍କ ପାର୍ଥିବ ଶରୀର ନିଆ ଯାଇଥିଲା । ସେଠାରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ,ବିଜେଡି ପାରାଦୀପ ନଗର ସଭାପତି କୁମରବର ନାୟକ, ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ,ବିଜେଡି ନାରୀ ନେତ୍ରୀ ସବିତା ମହାପାତ୍ର,ଚପଳା ସ୍ୱାଇଁ, ନଗର ବିଜେଡି ସମ୍ପାଦକ ଶଙ୍କର ପ୍ରସାଦ ରାଉତ,ଯୁବ ନେତା ଆଲୋକ ମହାପାତ୍ର, ପ୍ରକାଶ ପରିଡ଼ା,ଅଟଳ ପରିଡ଼ା, ସଞ୍ଜୟ ମହାନ୍ତି, କମଲ ଲୋଚନ ଦାସ, ସମୀର ସାହୁ,ଗୋଲେଖ ସାହୁ, ବିଜୟ ରାଉତ,ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ରାକେଶ କୁମାର ପଟ୍ଟନାୟକ, କଂଗ୍ରେସ ପାରାଦୀପ ନଗର ସଭାପତି କେଦାର ନାଥ ବିଶ୍ୱାଳ, ସରୋଜ ପ୍ରଧାନ, ବିଜୟ କୁମାର ସେଠୀ,ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ,ପାରାଦୀପ ପୌର ପରିଷଦର ପାରିଷଦ ବୃନ୍ଦଙ୍କ ସମେତ ଦଳ ମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ଓ ବନ୍ଦରାଞ୍ଚଳର ସଚେତନ ବୁଦ୍ଧିଜୀବୀ ଜନସାଧାରଣ ସ୍ୱର୍ଗତ ବିଶ୍ୱାଳଙ୍କ ଅନ୍ତିମ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ । ପରବର୍ତ୍ତୀ ସମୟରେ ଏକ ସୁସଜ୍ଜିତ ଯାନରେ ପାର୍ଥିବ ଶରୀରକୁ ଶୋଭା ଯାତ୍ରାରେ ତାଙ୍କ ଜନ୍ମ ସ୍ଥାନ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଡ଼ାହାଣିଖିଆ ଗ୍ରାମ ଶ୍ମଶାନକୁ ନିଆଯାଇ ଭାଇ,ବନ୍ଧୁ,ଜ୍ଞାତି ସହୋଦରଙ୍କ ଗହଣରେ ଅନ୍ତିମ ସତ୍କାର କରାଯାଇଥିଲା । ଏଠାରେ ସୂଚନା ଥାଉ କି, ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରୁ ମଜଭୁତ୍ କରି ଗଢ଼ି ତୋଳିବା ଦିଗରେ ସ୍ୱର୍ଗତ ବିଶ୍ୱାଳ ଙ୍କ ଗିରିତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଜଣେ ଅମାୟିକ,ମିଷ୍ଟଭାଷୀ,ପରୋପକାରୀ ବ୍ୟକ୍ତି ଭାବେ ସର୍ବସାଧାରଣରେ ସ୍ୱର୍ଗତ ବିଶ୍ୱାଳ ସୁପରିଚିତ ଥିଲେ ।

# ପୋକ ଲାଗିଥିବା ଲଡ୍ଡୁ ପରେ ଅବଧି ସମାପ୍ତ ଛତୁଆ ବଣ୍ଟନ ଅଭିଯୋଗ

ରାଇଘର, (ମହାଭାରତ) : ପୋକ ଲାଗିଥିବା ଲଡ୍ଡୁ ବଣ୍ଟନକୁ ନେଇ ଅଭିଯୋଗ ଥମିନଥିବା ବେଳେ ଏବେ ଅଙ୍ଗନବାଡି କେନ୍ଦ୍ରରେ ଅବଧି ସମାପ୍ତ ଛତୁଆ ବଣ୍ଟନ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି । ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକରେ ଶିଶୁ ଓ ମହିଳାଙ୍କ ପାଇଁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟର ଗୁଣବତ୍ତା ଓ ବଣ୍ଟନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି ।ଟିମନପୁର ପଞ୍ଚାୟତ ଅନ୍ତର୍ଗତ ବୁଡ୍ରାପାରା ଅଙ୍ଗନବାଡି କେନ୍ଦ୍ରରେ ଗର୍ଭବତୀ ମହିଳା ପ୍ରସୂତି ମହିଳା ଏବଂ ଶିଶୁମାନଙ୍କୁ ଦିଆଯାଉଥିବା ଛତୁଆରେ ଅବଧି ସମାପ୍ତ ତାରିଖ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିବା ସହ ଘଟଣାର ଯାଞ୍ଚ ଓ ଉଚିତ ପଦକ୍ଷେପ ଦାବି କରିଛନ୍ତି ।ସରକାରଙ୍କ ପକ୍ଷରୁ ଗର୍ଭବତୀ ପ୍ରସୂତି ମହିଳା ଏବଂ ପୁଷ୍ଟିହୀନତାର ଶିକାର ଶିଶୁମାନଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ଛତୁଆ ଲଡ୍ଡୁ ମୁଢ଼ି ଆଦି ପୁଷ୍ଟିକର ଖାଦ୍ୟ ଯୋଗାଣ ବ୍ୟବସ୍ଥା ରହିଛି । ରାଇଘର ବ୍ଲକର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଏହି ଖାଦ୍ୟ ଯୋଗାଣ କରାଯାଉଛି ।ତେବେ ଗତ କିଛି ସମୟ ଧରି ନିମ୍ନମାନର କିମ୍ବା ପୋକ ଥିବା ଲଡ୍ଡୁ ଅବଧି ସମାପ୍ତ ଛତୁଆ ଏବଂ ଖରାପ ମୁଢ଼ିକୁ ନେଇ ଅଭିଯୋଗ ଓ ଖବର ପ୍ରକାଶ ପାଇଥିଲେ ମଧ ସ୍ଥାୟୀ ସମାଧାନ ହେଉନଥିବା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି ।ଏ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂଙ୍କ ପ୍ରତିକ୍ରିୟା ନେବାକୁ ଯାଇଥିବା ବେଳେ ବାରମ୍ବାର ସମାନ ପ୍ରସଙ୍ଗ ନେଇ ଆସୁଛନ୍ତି କହିଥିଲେ । ଏଠି ରାଇଘର ବିଡିଓଙ୍କୁ ନେଇ ଉଠିଲା ପ୍ରଶ୍ନ । ରାଇଘର ବ୍ଲକ ଉନ୍ନୟନ ଅଧିକାରୀଣୀ (ବିଡିଓ) ଆରାମ କରିବା ପାଇଁ ନିଯୁକ୍ତ ହୋଇଛନ୍ତି ନା ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣି ସେଗୁଡ଼ିକର ସମାଧାନ କରିବା ପାଇଁ ନିଯୁକ୍ତ ହେଇଛନ୍ତି ଏହି ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚା ହେଉଛି ।ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଗଣମାଧ୍ୟମ ପ୍ରତିନିଧି ବିଡିଓଙ୍କ ନିକଟକୁ ଯାଇଥିବା ବେଳେ ଅଭିଯୋଗ ଓ ସମସ୍ୟା ଶୁଣିବା ପରିବର୍ତ୍ତେ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିବା ଅଭିଯୋଗ ହୋଇଛି । ଏପରିକି "ଆଜି ମୋତେ ଶାନ୍ତିରେ ରହିବାକୁ ଦିଅନ୍ତୁ" ବୋଲି କହିଥିବା ଜଣାପଡ଼ିଛି ।ଲୋକଙ୍କ ସମସ୍ୟା ଶୁଣିବା ଓ ତାହାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱରେ ଥିବାବେଳେ,ଏଭଳି ଆଚରଣକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଏହି ଅଭିଯୋଗ ନେଇ ବିଡିଓଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ । ଏବଂ ଅନ୍ୟପକ୍ଷରେ ଛତୁଆ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରଶ୍ନ ଉଠୁଛି । ଗୋଟିଏ ଯୋଗାଣକାରୀ ସଂସ୍ଥାକୁ ଦୀର୍ଘଦିନ ଧରି ଦାୟିତ୍ୱ ଦିଆଯାଉଥିବା ଏବଂ ଏଥିରେ ନିୟମାନୁସାରେ ପ୍ରକ୍ରିୟା ପାଳନ ହେଉଛି କି ନାହିଁ ସେନେଇ ମଧ ତଦନ୍ତ ଦାବି ହେଉଛି । କିଛି ଲୋକ ଏହି ବ୍ୟବସ୍ଥାରେ ଆର୍ଥିକ ଅନିୟମିତତା ହୋଇଥିବାର ଅଭିଯୋଗ ମଧ ଆଣିଛନ୍ତି । ତେଣୁ ବୁଡ୍ରାପାରା ଅଙ୍ଗନବାଡି କେନ୍ଦ୍ରରେ ବଣ୍ଟନ ହୋଇଥିବା ଛତୁଆର ଗୁଣବତ୍ତା ଅବଧି ଓ ଯୋଗାଣ ପ୍ରକ୍ରିୟାର ନିରପେକ୍ଷ ଯାଞ୍ଚ କରିବା ସହ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ସ୍ୱାଧୀନତା ଦିବସରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା

ବାରଙ୍ଗ,(ମହାଭାରତ) : ୮୦ତମ ସ୍ୱାଧୀନତା ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି ଲକ୍ଷ୍ୟରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଏକ ଭବ୍ୟ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଜୟରଶାସନସ୍ଥିତ ପଞ୍ଚବଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି ।ସବୁଦିନ ଟିଭି ଟ୍ରଷ୍ଟର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ସନାତନ ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କମିଶନରେଟ୍ ପୋଲିସର ପାହାଳ ଥାନା ଆରକ୍ଷୀ ନିରୀକ୍ଷକ ଅଶ୍ୱିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମ ସହିତ ଶୃଙ୍ଖଳିତ ଜୀବନ ଓ ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସବୁଦିନ ଟିଭି ଟ୍ରଷ୍ଟର ଅଧ୍ୟକ୍ଷ ହୃଦାନନ୍ଦ ଉପସ୍ଥିତ ଥିବାବେଳେ ଟ୍ରଷ୍ଟର ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ ସାମ୍ବାଦିକ ଗୁରୁପ୍ରସାଦ ମହାପାତ୍ର, ଓଡ଼ିଆ ଆଲବମ ଜଗତର ଅଭିନେତା ତଥା 'କିଚକେଶ୍ୱରୀ' ଫିଲ୍ମର ନିର୍ଦ୍ଦେଶକ ରୁଦ୍ରମନ, ସମାଜସେବୀ ପ୍ରଭାତ ଗୁରୁ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁସ୍ମିତା ଦାଶ, ସହକାରୀ ଶିକ୍ଷୟିତ୍ରୀ ମହେଶ୍ୱେତା ପଟ୍ଟନାୟକ, ବିନିତା ସାହୁ, ଜୟଶ୍ରୀ ଖଟୁଆ, ସାମ୍ବାଦିକ ଦିଲୀପ ଷଡ଼ଙ୍ଗୀ, କିଶୋର କୁମାର ଭୋଇ, ପ୍ରଣୟ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷା ରିତା ନାୟକଙ୍କ ସମେତ ରଶ୍ମିତା ବିଶ୍ୱାଳ ଓ ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଜେତା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ସହ ଦେଶପ୍ରେମ ଓ ସାମାଜିକ ଦାୟିତ୍ୱର ଚେତନା ସୃଷ୍ଟି ଦିଗରେ ସବୁଦିନ ଟିଭି ଟ୍ରଷ୍ଟର ଏହି ପ୍ରୟାସକୁ ଅତିଥି, ଅଭିଭାବକ ଓ ଉପସ୍ଥିତ ବ୍ୟକ୍ତିବିଶେଷ ପ୍ରଶଂସା କରିଥିଲେ ।

## ବ୍ରହ୍ମଗିରିରେ ଯୁଗ୍ମ ଜନ ଶୁଣାଣି

ବ୍ରହ୍ମଗିରି(ମହାଭାରତ)- ବ୍ରହ୍ମଗିରି ବ୍ଲକ୍ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି ଯୁଗ୍ମ ଜନ ଶୁଣାଣି । ଗୋଟି ଗୋଟିକରି ସମସ୍ତ ୧୧୩ ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ।ବ୍ରହ୍ମଗିରି ବ୍ଲକ୍ ରେ ହେଲା ଯୁଗ୍ମ ଜନ ଶୁଣାଣି । ଜିଲ୍ଲାପାଳ, ଏସ.ପି , ବିଡ଼ିଓ ଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, ବାର୍ଦ୍ଧକ୍ୟ ଭତ୍ତା,ଆବାସ ଯୋଜନା, ପିଇବା ପାଣି ଭଳି ଅନେକ ସମସ୍ୟା ଗୁଡ଼ିକ ଉପରେ ମଧ ଅଭିଯୋଗ ଆସିଥିଲା । ଉକ୍ତ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ




ଥିଲା ବୁଲା ଗୋରୁ ଗାଈମାନଙ୍କ ଦ୍ୱାରା ସଡକପଥରେ ହେଉଥିବା ଦୁର୍ଘଟଣା ସମ୍ପର୍କରେ । ଏତିକିରେ ଅଭିଯୋଗ ସରିନଥିଲା । ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଥିଲା ,ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର ରେ ଘୋଟାଲା । ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଯୋଗ୍ୟତା ଅନୁଯାୟୀ ମିଳୁନି ଶାରୀରିକ ବିକଳାଙ୍ଗ ପ୍ରମାଣ ପତ୍ର । ଟଙ୍କା ଦେଇ ଅଯୋଗ୍ୟ ତଥା ସମ୍ପୂର୍ଣ୍ଣ ଶାରୀରିକ ସକ୍ଷମ ଆପଣେଇ ଛନ୍ତି ୮୦%ରୁ ଉର୍ଦ୍ଧ୍ୱ ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର ଏବଂ ହାତେଇ ଛନ୍ତି ସରକାରୀ ସୁବିଧା। ସେମାନଙ୍କ ମଧ୍ୟରେ କେତେଜଣ ଗାଡି ଚାଳକ ମଧ ହାତେଇଛନ୍ତି ଶାରୀରିକ ବିକଳାଙ୍ଗ (୮୦%)ପ୍ରମାଣପତ୍ର । ବ୍ରହ୍ମଗିରି ବ୍ଲକର ଗୌଡ ରଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡକୋକୋଲ, ମାଛିଆଦିଆଣ୍ଡି, ଗୁଞ୍ଜିର, ତାମିଳିକୁଦି, ଆଦି ବିଦ୍ୟାଳୟର ଶିକ୍ଷକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପାରାଦୀପ ପୋର୍ଟ ବଣିକ ସଙ୍ଘ ବୈଠକରେ ବହିସ୍କୃତ ତଥା ଅସାମାଜିକ ବ୍ୟକ୍ତିଙ୍କ ବିଶୃଙ୍ଖଳାକୁ ନେଇ ଥାନାରେ ମାମଲା

ପାରାଦୀପ, (ମହାଭାରତ) : ପାରାଦୀପ ର ବଡ଼ପଡ଼ିଆ ସ୍ଥିତ ପାରାଦୀପ ପୋର୍ଟ ବଣିକ ସଙ୍ଘ ପରିସରରେ ପ୍ରତିବର୍ଷ ପରି ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ସହ ଦିନ ୧୦ ଟା ରେ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ବଣିକ ସଙ୍ଘ ର ବହିସ୍କୃତ ଓ ଅସାମାଜିକ ବ୍ୟକ୍ତି ବଜରଙ୍ଗ ସ୍ୱାଇଁ, ପ୍ରଶାନ୍ତ ପରିଡା, ସୁଜୟ ସାହୁ, ଯୁଧିଷ୍ଠିର ଲେଙ୍କା ଶୁଭେନ୍ଦୁ ଗୋଛାୟତ, ରାଜେନ୍ଦ୍ର ବଳ, ଅୟସକାନ୍ତ ସାମଲ ପ୍ରମୁଖ ସେଠାରେ ପହଞ୍ଚି ଜାତୀୟ ପତାକାକୁ ଅସମ୍ମାନ କରି ସଭାରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଗଣ୍ଡଗୋଳ ସୃଷ୍ଟି କରିଥିବା ନେଇ ସଙ୍ଘ ପକ୍ଷରୁ ଅଭିଯୋଗ କରାଯାଇ ପାରାଦୀପ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି । ଏ ସମ୍ପର୍କରେ ରବିବାର ଦିନ ବଡ଼ପଡ଼ିଆ ସ୍ଥିତ ବଣିକ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଅମୀୟ କୁମାର ପାଣି, ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, ସହ ସମ୍ପାଦକ ଶକ୍ତିକାନ୍ତ ଦାସ,




କାର୍ଯ୍ୟକାରୀ ସଭାପତି ଶିଶିର କୁମାର ନାୟକ, ଉପ ସଭାପତି ପ୍ରୀତି ରଞ୍ଜନ ମହାପାତ୍ର, ତାପସ ପରିଜା ଓ ପ୍ରକାଶ ନାୟକ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ, ସହ କୋଷାଧ୍ୟକ୍ଷ ସତ୍ୟବ୍ରତ ନାୟକ ଉପସ୍ଥିତ ରହି ସଙ୍ଘ ପରିସରରେ ଅସାମାଜିକଙ୍କ ଦ୍ୱାରା ଘଟିଥିବା ବିଶୃଙ୍ଖଳା ଘଟଣାର ଦୃଢ଼ ନିନ୍ଦା କରିବା ସହ ଦୋଷୀ ମାନଙ୍କ ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ । ବଣିକ ସଂଘର କାର୍ଯ୍ୟକର୍ତ୍ତା ମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ୨୦୦୮ ମସିହାରୁ ୨୦୨୪ ମସିହା ଦୀର୍ଘ ୧୭ ବର୍ଷ ଧରି ସନ୍ତୋଷ ପଟ୍ଟନାୟକ ଜୋରଜବରଦସ୍ତ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ରହିଥିଲେ । ତେବେ ତାଙ୍କ ସମୟରେ ସଂଘର କୌଣସି ବୈଠକ କିମ୍ବା ଆୟ ବ୍ୟୟ ର ହିସାବ କରାଯାଉନଥିଲା ଏବଂ ବ୍ୟବସାୟୀ ମାନେ ଭୟଭୀତ ଅବସ୍ଥାରେ ରହୁଥିଲେ । ଅନ୍ୟପକ୍ଷରେ ସନ୍ତୋଷ ଦୀର୍ଘ ୧୭ବର୍ଷ ସଙ୍ଘ ର ସଭାପତି ରହି ୮ଲକ୍ଷ ଟଙ୍କା ନିଅଣ୍ଟ କରି ବିଦା ହୋଇଥିଲେ । ତେବେ ଗତ ୨ବର୍ଷ ରହି ଥରେ ମାଆ ଙ୍କ ଦୁର୍ଗାପୂଜା, ୨ଥର ମାଆ ଙ୍କ ପ୍ରତିଷ୍ଠା ଦିବସ କରି ଏବଂ ପାରାଦ୍ୱିପ ଅଥରିଟି ଦ୍ୱାରା ବମ୍ବେ କୋର୍ଟ ରେ ହୋଇଥିବା ମାମଲା କୁ ସଙ୍ଘ ଲଢ଼ି କିପରି ଭାବରେ କର୍ମକର୍ତ୍ତା ଟଙ୍କା ଖାଇଗଲେ ବୋଲି କୋଷାଧ୍ୟକ୍ଷ ଶମ୍ଭୁନାଥ ଖୁଣ୍ଟିଆ ପାଲଟା ଅଭିଯୋଗ କରିଛନ୍ତି । ତେବ ଶେଷରେ ସନ୍ତୋଷଙ୍କ ବିରୁଦ୍ଧରେ ବ୍ୟବସାୟୀ ମାନେ ଏକତ୍ରିତ ହୋଇ ତାଙ୍କୁ ସଂଘରୁ ବିତାଡିତ କରି ୧୫ ଅଗଷ୍ଟ ୨୦୨୪ ମସିହାରେ କ୍ଷୀରୋଦ କୁମାର ସ୍ୱାଇଁ ଙ୍କୁ ବଣିକ ସଂଘର ନୂତନ ସଭାପତି ଭାବେ ନିର୍ବାଚିତ କରିଥିଲେ । ପରେ ୨୦୨୫ ଅଗଷ୍ଟ ୧୫ ରେ ଅମୀୟ କୁମାର ପାଣି ଙ୍କୁ ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ କ୍ଷୀରୋଦ ସ୍ୱାଇଁ ଙ୍କୁ ଉପଦେଷ୍ଟା ଭାବେ ଅବସ୍ଥାପିତ କରାଯାଇଥିଲା । ସଂଘର ନିୟମ ଅନୁଯାୟୀ ନିୟମିତ ଅନ୍ତରରେ କାର୍ଯ୍ୟକର୍ତ୍ତା ତଥା ସାଧାରଣ ବୈଠକ ହେବା ସହ ବାର୍ଷିକ ଆୟବ୍ୟୟ ହିସାବ ପ୍ରଦାନ କରାଯାଉଛି ଏବଂ ଚଳିତ ଆର୍ଥିକ ବର୍ଷରେ ସଙ୍ଘ ଜାଗା ଭଡା ଓ ବିଭିନ୍ନ କେଶ ବାବଦରେ ଏବେ ସର୍ବମୋଟ ୬ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ନିଅଣ୍ଟ ରହିଥିବା ସଂଘର ସଭାପତି ଅମିୟ ପାଣି, ସାଧାରଣ ସମ୍ପାଦକ ଗୋଲେଖ ସାହୁ ଓ କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ ସୂଚନା ପ୍ରଦାନ କରିଥିଲେ ।

## ଦାଦନ ଶ୍ରମିକଙ୍କ ମହାନତା: ବନ୍ୟା ପୀଡ଼ିତଙ୍କ ପାଇଁ ବଢ଼ିଲା ସହଯୋଗର ହାତ

ଧାମନଗର, (ମହାଭାରତ) : ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସାହସପୁର ପଞ୍ଚାୟତ ସମେତ ବମ୍ଭୁକୁରା ଓ ଆଖପାଖ ପଞ୍ଚାୟତର ଅନେକ ଗାଁ ଚଳିତ ବର୍ଷ ବୈତରଣୀ ନଦୀର ବନ୍ୟାରେ ଗୁରୁତର ପ୍ରଭାବିତ ହୋଇଛି । ମାସେରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ୟାଜଳ ଗାଁଗୁଡ଼ିକୁ ଘେରି ରହିଥିବାରୁ ଲୋକେ ଖାଦ୍ୟ, ପାନୀୟ ଜଳ ଓ ରହିବା ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।ଏଭଳି ଦୁର୍ଦ୍ଦିନରେ ସାହସପୁର ଗ୍ରାମର ସମାଜସେବୀ ସୂର୍ଯ୍ୟକାନ୍ତ ମହାଳିକ (ଭରତ) ବନ୍ୟାପୀଡ଼ିତଙ୍କ ପାଖରେ ଠିଆ ହୋଇ ମାନବିକତାର ନିଦର୍ଶନ ଦେଖାଇଛନ୍ତି । ସେ ବନ୍ୟାପୀଡ଼ିତ ପରିବାରଙ୍କ ପାଖରେ ଶୁଖିଲା ଖାଦ୍ୟ ପହଞ୍ଚାଇ ସହାୟତାର ହାତ ବଢ଼ାଇଛନ୍ତି । ତାଙ୍କ ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।ସୂର୍ଯ୍ୟକାନ୍ତଙ୍କ ଏହି ମାନବିକ ପ୍ରୟାସରେ ସାହସପୁର ଗ୍ରାମର ଅନେକ ଯୁବକ ମଧ ଆଗେଇ ଆସିଛନ୍ତି । ସାହସପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ସାହୁଙ୍କ ସମେତ ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଯୁବକ ସୂର୍ଯ୍ୟକାନ୍ତଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ।ବିଶେଷ କଥା ହେଉଛି, ଗ୍ରାମର ଅନେକ ଯୁବକ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇ ନିଜ ପରିବାରର ପେଟ ପୋଷୁଛନ୍ତି । ନିଜେ ଦୂରରେ ରହି ରୋଜଗାର କରୁଥିଲେ ମଧ ନିଜ ଗାଁର ଦୁଃଖକୁ ଭୁଲି ନାହାନ୍ତି । ଏଭଳି ବନ୍ୟା ବିପତ୍ତି ସମୟରେ ସୂର୍ଯ୍ୟକାନ୍ତଙ୍କ ସହ ରହି ବନ୍ୟାପୀଡ଼ିତଙ୍କୁ ସହଯୋଗ କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି ।ନିଜ ପରିବାର ପାଇଁ ଦାଦନ ଖଟୁଥିବା ହାତ ଯେତେବେଳେ ନିଜ ଗାଁର ବିପଦ ସମୟରେ ସହାୟତା ପାଇଁ ବଢ଼ିଆସେ, ସେତେବେଳେ ତାହା ପାଲଟିଯାଏ ମାନବିକତାର ଏକ ମହାନ ଉଦାହରଣ ।



# ବରିଷ୍ଠ ପ୍ରଶାସକ ସଂଗ୍ରାମ ମହାପାତ୍ରଙ୍କ 'ଗଳ୍ପ ସମଗ୍ର' ପୁସ୍ତକର ଅନୁବାଦିତ ସଂସ୍କରଣ 'ଜୀବନ ସଂଗ୍ରାମମ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ

ପାରଳାଖେମୁଣ୍ଡି, (ମହାଭାରତ) : ବରିଷ୍ଠ ପ୍ରଶାସକ ତଥା ଲେଖକ ସଂଗ୍ରାମ ମହାପାତ୍ରଙ୍କ ଜୀବନ ସଂଘର୍ଷ, ଅନୁଭୂତି ଓ କର୍ମମୟ ଜୀବନକୁ ଆଧାର କରି ରଚିତ 'ଗଳ୍ପ ସମଗ୍ର' ପୁସ୍ତକର ଅନୁବାଦିତ ସଂସ୍କରଣର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଗଜପତି ଜିଲ୍ଲା କଳା ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର ଅଟେ ଓ ଆଜି ଏହି ସାଂସ୍କୃତିକ ରାଜଧାନୀର ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଯାଇଛି ଓଭାରତୀୟ ପ୍ରଶାସନିକ ଅଧିକାରୀ ତଥା ଦକ୍ଷିଣ ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ଅଧୁନା କାର୍ଯ୍ୟରତ ଶ୍ରୀ ସଂଗ୍ରାମ ମହାପାତ୍ରଙ୍କ ଦ୍ୱାରା ରଚିତ "ସଂଗ୍ରାମ ମହାପାତ୍ରଙ୍କ ଗଳ୍ପ ସମଗ୍ର " ତେଲୁଗୁ ଭାଷାରେ ରୂପାନ୍ତରିତ ହୋଇ " ଜୀବନ ସଂଗ୍ରାମମ " ଭାବେ ଆତ୍ମପ୍ରକାଶ ହୋଇ ଏକ ନୂତନ ଦିଗନ୍ତର ଉଦାହରଣ ସୃଷ୍ଟି କରିଛି । ସିଦ୍ଧାନ୍ତ ସାହିତ୍ୟ ପରିବାରର ପ୍ରତିଷ୍ଠାତା




ସମ୍ପାଦକ ତଥା ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରେରଣା ଓ ଦିଗଦର୍ଶନରେ ଆଜିର ଏହି ପୁସ୍ତକ ଲୋକାର୍ପଣ ଉତ୍ସବଟି ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ୍ୟା ଡ଼ଃ ଅନ୍ନପୂର୍ଣ୍ଣା ଦେବୀ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ରଷ୍ଟା ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ଦକ୍ଷିଣ ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ମାନ୍ୟବର ଜିଲ୍ଲାପାଳ , ଗଜପତି ଶ୍ରୀ ଅକ୍ଷୟ ସୁନିଲ ଅଗ୍ରୱାଲ, ଉଦଘାଟକ ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼ଃ ଡି . ଏନ . ରାଓ , ମୁଖ୍ୟ ବକ୍ତା ଭାବେ ମୀନକେତନ ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧାପକ ଡ଼ଃ ଏନ୍. ଭାନୁଶ୍ରୀ, ସମ୍ମାନୀତ ଅତିଥି ଭାବେ କୃଷ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ଼ଃ ଶିବରାମକୃଷ୍ଣା ଏବଂ ଅନୁବାଦିକା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ରାୟଗଡ଼ ,ଗଜପତି ଶ୍ରୀମତୀ ବି. କୋମଳାଙ୍ଗି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ଏହି ଅବସରରେ ସାହିତ୍ୟିକ, ପ୍ରଶାସକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ପୁସ୍ତକଟିର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଜୀବନର ବିଭିନ୍ନ ଉତ୍ଥାନ-ପତନ, କର୍ମକ୍ଷେତ୍ରର ଅନୁଭବ, ସଂଘର୍ଷ ଓ ସଫଳତାର ଅନେକ ଅନୁଭବ ପୁସ୍ତକରେ ସ୍ଥାନ ପାଇଥିବାରୁ ଏହା ପାଠକମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ବକ୍ତାମାନେ କହିଥିଲେ ଯେ, ଜଣେ ପ୍ରଶାସକଙ୍କ ଜୀବନର ବ୍ୟକ୍ତିଗତ ଅନୁଭୂତି ଓ ସାମାଜିକ ଦାୟିତ୍ୱବୋଧକୁ ସାହିତ୍ୟ ମାଧ୍ୟମରେ ପାଠକଙ୍କ ନିକଟରେ ପହଞ୍ଚାଇବା ଏହି ପୁସ୍ତକର ବିଶେଷତ୍ୱ । ଅନୁବାଦିତ ସଂସ୍କରଣ ମାଧ୍ୟମରେ ପୁସ୍ତକର ବାର୍ତ୍ତା ଅଧିକ ବ୍ୟାପକ ପାଠକମହଲରେ ପହଞ୍ଚିବ ବୋଲି ଆଶା ପ୍ରକାଶ ପାଇଥିଲା ।ପ୍ରାରମ୍ଭରେ ଶ୍ରୀ କରୁଣାନିଧି ପଟ୍ଟନାୟକ ଓ ଶ୍ରୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ବାଦ୍ୟଯନ୍ତ୍ର ସଂଯୋଜନାରେ ଆକାଶବାଣୀ କଣ୍ଠଶିଳ୍ପୀ ଶ୍ରୀମତୀ ବି.କୋମଳାଙ୍ଗୀ ଓ ସୁଶ୍ରୀ ଅର୍ଚ୍ଚନା ରଥ ଉଭୟ ଓଡ଼ିଆ ଓ ତେଲଗୁ ଭାଷାରେ ସଙ୍ଗୀତ ପରିବେଷଣ କରିଥିଲେ । ସେହିପରି ଜଗନ୍ନାଥ ଓଡିଶୀ କଳା କେନ୍ଦ୍ର ଓ ନଟରାଜ କଳା ଅନୁଷ୍ଠାନର ଶିଳ୍ପୀମାନେ ଯଥା କ୍ରମେ ଓଡିଶୀ ଓ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ ଜଣାଇଥିବା ବେଳେ ଆଇନଜୀବୀ ଇତିଶ୍ରୀ ମହାପାତ୍ର ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ପ୍ରାଣୀ ଚିକିତ୍ସକ, ରାୟଗଡ଼, ଗଜପତିର ଡ଼ଃ ଲୀମା ମହାନ୍ତି ପରିଚାଳନା କରିଥିବା ବେଳେ ଶ୍ରୀ ରାଜେନ୍ଦ୍ର କୁମାର ରଥ ସମସ୍ତ ଅତିଥି ବୃନ୍ଦ,ସମସ୍ତ ଉପସ୍ଥିତ ଜ୍ଞାନୀ ଗୁଣୀ ଦର୍ଶକ ଓ ସମସ୍ତ ପ୍ରିଣ୍ଟ ଓ ବିଦ୍ୟୁତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୃତୀୟ ବନ୍ୟାରେ ଉବୁଟୁବୁ ଆଳିର ୨୨ ପଞ୍ଚାୟତ

## ଜଳବନ୍ଦୀରେ ୭୦ ହଜାର ଲୋକ: ପିଇବା ପାଣି ପାଇଁ ହହଳ ବିକଳ ବନ୍ୟାବିପନ୍ନ

**ଆଳି,(ମହଭାରତ):** **ଯୁଆଡେ ଚାହିଁବ ସିଆଡେ ଖାଲି ପାଣି** ଆଉ ପାଣି । ନଦୀ ସହିତ ମିଶି ଯାଇଛି ଚାଷ ଜମି ଓ ଗମନା ଗମନ ରାସ୍ତା । ବନ୍ୟା ଯୋଗୁଁ ପଞ୍ଚାୟତ ସହିତ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ଅନେକ ସ୍ଥାନରେ ଗୋଟିଏ ଘରୁ ପଡିସା ଘରକୁ ଯିବା ମଧ୍ୟ ବନ୍ଦ ହୋଇଯାଇଛି । ବାଧକ ସାଜିଛି ବନ୍ୟା ପାଣି । ତିନିଦିନ ହେବ ବନ୍ୟା ପାଣିରେ ଘରୁ ବାହାର ସବୁକିଛି ବୁଡି ଯାଇଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି । ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ,ଖରସ୍ରୋତା ଓ କାଣୀ ନଦୀରେ ଏବେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟାଜଳ ଚାପରେ ଗତକାଲି ବଉଳଯୋଡି ନିକଟରେ କାଳିଆଘାଇ ଗାର୍ଡୱାଲ ଭୁସୁଡି ପଡ଼ିଥିବା ବେଳେ ମୋହନପୁର ନିକଟରେ ମଧ୍ୟ ଘଳିଆ ହେବାର ଆଶଙ୍କା ଦେଖା ଦେଇଥିଲା। ଯେଉଁଠି ଜଳସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ପକାଇ ପାଣିକୁ ରୋକା ଯାଇଛି । ପ୍ରବଳ ବନ୍ୟା ଯୋଗୁଁ ୨୨ ଟି ପଞ୍ଚାୟତର ୭୦ ହଜାର ଲୋକ ବନ୍ୟା ପାଣି ଯୋଗୁଁ ହନ୍ତସନ୍ତ ହେଉଛନ୍ତି । ତିନିଦିନ ହେବ ଅଞ୍ଚଳ ବାସୀ ବନ୍ୟା ଜଳରେ ଉବୁଟୁବୁ ହେଉଥିବା ବେଳେ ପ୍ରଶାସନର ଦେଖାନାହିଁ । ବନ୍ୟାପାଣି ଘେରରେ ଥିବା ଲୋକ ମାନେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ବନ୍ୟାରେ ଗାଁ ଗାଁ ରେ ଥିବା ନଳକୂଅ ଗୁଡିକ ବୁଡି ଯାଇଥିବା ବେଳେ ବସୁଧା ଯୋଜନାରେ ପାଣି ଯୋଗାଇ ଦିଆଯାଉଥିବା ମୋଟର ଘର ଗୁଡିକ ବନ୍ୟା ପାଣିରେ ବୁଡି ଯାଇଥିବାରୁ ସେହି ପାଣି ମଧ୍ୟ ମିଳୁନି । ପାନୀୟ ଜଳ ମିଳିବାର ଉତ୍ସ ବନ୍ୟା ଘେରରେ ଥିବାରୁ ଗାଁ ଗାଁ ରେ ଲୋକ ବନ୍ୟା ପାଣି ଫୁଟାଇ ପିଇବାକୁ ବାଧ୍ୟ ହେଉଛନ୍ତି । ବନ୍ୟାଯୋଗୁଁ ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବା ବେଳେ ଗାଁ ଗାଁରେ ଥିବା ଅଙ୍ଗନୱାଡି, ସ୍କୁଲ, ଏ ଏନଏମ ସେଣ୍ଟର ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ୟା ଘେରରେ ରହିଥିବାରୁ ସବୁ କିଛି ଠପ




ହୋଇଯାଇଛି । ହଜାର ହଜାର ଗୃହ ପାଳିତ ଗାଇ, ମେଣ୍ଢା ଓ ଛେଳି ଗୁହାଳରେ ଭୋକ ଉପାସରେ ବନ୍ଧା ହୋଇ ରହିଛନ୍ତି । ଆଳି ଧୋୟାଞ୍ଚଳର ମୁଖ୍ୟ ଗମନା ଗମନ ରାସ୍ତା ମାନପୁର -ଗୋବିନ୍ଦପୁର ରାସ୍ତା ଏବେ ସମ୍ପୂର୍ଣ୍ଣ ଭାବେ ବନ୍ୟା ପାଣିରେ ବୁଡିଯାଇଛି । ଯାହାଫଳରେ ଲୋକମାନେ ଏବେ ଡଙ୍ଗାରେ ଯାତାୟତ କରୁଛନ୍ତି । ମାନପୁର ଠାରୁ ଜୁଆଣିଆ ପର୍ଯ୍ୟନ୍ତ ଡଙ୍ଗାରେ ଲୋକମାନେ ଦୁଇଶହ ଟଙ୍କା ଦେଇ ଯାତାୟାତ କରୁଛନ୍ତି । ପାଖାପାଖି ୮ କିଲୋମିଟର ପର୍ଯ୍ୟନ୍ତ ବନ୍ୟାପାଣି ଭିତରେ ଡ଼ଙ୍ଗା ସାହାଯ୍ୟରେ ବିପଦ ସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଲୋକ ।ଡ଼ଙ୍ଗାଚାଳକ ମାନେ ଡ଼ଙ୍ଗାରେ ଆବଶ୍ୟକ ଠାରୁ ଅଧିକ ଲୋକ ଓ ଗାଡି ନେଇ ଯାଉଥିବା ବେଳେ କେତେବେଳେ ଯେ କଣ ଅଘଟଣ ଘଟିବ ତାହା କହିହେବ ନାହିଁ । ଏହା ଉପରେ ପ୍ରଶାସନିକ କଟକଣା ମଧ୍ୟ ନାହିଁ ।ଗାଁ ଗାଁ ରେ ଏବେ ଲୋକ ଜଳବନ୍ଦୀ ଜୀବନ ବିତାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନଥିବାରୁ ଲୋକମାନଙ୍କୁ ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି । ଆଳି ବ୍ଲକ ଧୋୟାଞ୍ଚଳର ଦଶ ପଞ୍ଚାୟତ ସମେତ ପଦନୀପାଳ, ଦଶିପୁର, କୋଳିଡ଼ିହ, ମାଣିକପାଟଣା, ପତ୍ରପୁର, ନରେନ୍ଦ୍ରପୁର, ନୂଆପଡାର ସିଦ୍ଧବାଲି ଗାଁ ପାଣି ଘେରରେ ରହିଛି । ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନଥିବାରୁ ବନ୍ୟା ବିପନ୍ନ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ଅପରପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ସହିତ ଗୋଖାଦ୍ୟ ମଙ୍ଗଳବାର ଦିନ ବ୍ଲକର ୨୨ ଟି ପଞ୍ଚାୟତକୁ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ସୂଚନା ଦେଇଛନ୍ତି ।

# ମାଲକାନଗିରି ଜିଲ୍ଲାପାଳଙ୍କ ମାଟାପାକା ପଞ୍ଚାୟତ ଗସ୍ତ



**ମାଲକାନଗିରି,(ମହାଭାରତ):**ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ବିକାଶ ଓ ଜନସେବାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଟାପାକା ଗ୍ରାମପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ପ୍ରଥମେ ମାଟାପାକା ସ୍ଥିତ ପ୍ରଗତି ପଥେ ଯୁବା ମାଲକାନଗିରି କେନ୍ଦ୍ର ପରିଦର୍ଶନ କରିଥିଲେ, ଯାହା ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ନିର୍ମାଣଧୀନ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଅଗ୍ରଗତି ବୁଲି ଦେଖିବା ସହ ଲୋକଙ୍କୁ ଉତ୍ତମ ସରକାରୀ ସେବା ଯୋଗାଇଦେବା ଦିଗରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ କାଳରେ କମଳପଦର ଗ୍ରାମର ହିତାଧିକାରୀ ଭୀମା ବେଟିଙ୍କ ମତ୍ସ୍ୟ ପୋଖରୀ ଯୋଜନା ପ୍ରକଳ୍ପର ମଧ୍ୟ ସମୀକ୍ଷା କରାଯାଇ ସରକାରୀ ସହାୟତା ରାଶି ପ୍ରଦାନ ପ୍ରକ୍ରିୟା ଉପରେ ବିଭାଗୀୟ ଆଲୋଚନା ହୋଇଥିଲା।ଏହାପରେ ସେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଉପ-ଖଣ୍ଡ ଅଧିକାରୀ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସହ କୋଟାମାଟେରୁ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସେଠାକାର ସମସ୍ୟା ବୁଝିଥିଲେ। ବିଦ୍ୟାଳୟରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଏବଂ ସୌର ଶକ୍ତି ବ୍ୟବସ୍ଥା ଦୀର୍ଘ ଦିନରୁ ଅଚଳ ଥିବା ଜାଣିବା ପରେ, ଏହାର ବିକଳ୍ପ ସ୍ୱରୂପ ଖୁବ୍ ଶୀଘ୍ର ବିଦ୍ୟାଳୟକୁ ଏକ ଜେନେରେଟର (ବିଦ୍ୟୁତ ସଂରକ୍ଷଣ ଯନ୍ତ୍ର) ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସେଠାରେ ଆଉ ଏକ ଗଭୀର ନଳକୂପ ନିର୍ମାଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ମାଟାପାକାରୁ କୋଟାମାଟେରୁକୁ ସଂଯୋଗ କରୁଥିବା ରାସ୍ତାକୁ ଅଗ୍ରାଧିକାର ଭିତ୍ତିରେ ମରାମତି କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଶେଷରେ ମାଟାପାକା ହାଇସ୍କୁଲର ନବନିର୍ମିତ ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ।

# ଦେଶପ୍ରେମର ବାର୍ତ୍ତା ନେଇ କଟକ ସଦର ବିଜେପିର ବିଶାଳ ତ୍ରିରଙ୍ଗା ଯାତ୍ରା



**ଫୁଲନଖରା,:**ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଅଖଣ୍ଡତାର ବାର୍ତ୍ତା ନେଇ କଟକ ସଦର ଭାରତୀୟ ଜନତା ଦଳ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଫୁଲନଖରା ଛକ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ଗୋପାଳପୁର ଠାରେ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ଶେଷ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ବିଜେପି କର୍ମୀମାନେ ଦେଶଭକ୍ତିର ନାରା ଦେଇ ଆଗକୁ ବଢ଼ିଥିବା ବେଳେ ସମଗ୍ର ଅଞ୍ଚଳ ଦେଶପ୍ରେମର ଭାବନାରେ ମୁଖରିତ ହୋଇଥିଲା। ଏହି ଭବ୍ୟ ଶୋଭାଯାତ୍ରାର ନେତୃତ୍ୱ ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ ଓଝା ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରଭାରୀ ଜ୍ଞାନେନ୍ଦ୍ର ବେଉରା ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ୫୬ ନମ୍ବର ୱାର୍ଡ କର୍ପୋରେଟର୍ ଲିପ୍ସା ନାୟକ, ୫୯ ନମ୍ବର ୱାର୍ଡ କର୍ପୋରେଟର୍ ମମତା ମହାନ୍ତି, ବରିଷ୍ଠ କର୍ମୀ ସ୍ୱାଧୀନଚେତା ମହାନ୍ତି ଓ ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମାମିନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଶେଷ ଆକର୍ଷଣ ପାଲଟିଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡର ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଏକତ୍ରିତ ହୋଇ ହାତରେ ତ୍ରିରଙ୍ଗା ଧରି ଦେଶର ଗୌରବ ଓ ସ୍ୱାଧୀନତାର ମହତ୍ତ୍ୱର ବାର୍ତ୍ତା ପ୍ରଚାର କରିଥିଲେ । ଶୋଭାଯାତ୍ରାରେ ରାଜେଶ କୁମାର ଭଟ୍ଟ, ସନାତନ ରାଉତ, ମିଟନ୍ ମହାନ୍ତି, ଚିତ୍ତରଞ୍ଜନ କର, ଗଣେଶ ନାୟକ, ଶୁଭଶଙ୍କର ଜେନା, ଦିଲ୍ଲୀପ ସାମଲ, ରକି ବେଉରା, ଉର୍ମିଳା ବେହେରା, ଚାନ୍ଦିନୀ ପାଣିଗ୍ରାହୀ, ଦୀପକ ମଲ୍ଲିକ, ଦୀପ୍ତିରଞ୍ଜନ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ଅସାଧାରଣ ଉତ୍ସାହ ଓ ଦେଶପ୍ରେମର ଭାବନା ପରିଲକ୍ଷିତ ହୋଇଥିଲା।

# ଜୁଆ ଆଡା ଉପରେ ପୋଲିସର ଚଢ଼ାଉ:୫ ଅଟକ

**ଝରିଗାଁ,(ମହାଭାରତ):** ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଗୁରୁସିଙ୍ଗା ଗ୍ରାମପଂଚାୟତ ଅନ୍ତର୍ଗତ ଅମ୍ବାମୁଣ୍ଡା ଗ୍ରାମ ନିକଟସ୍ଥ ମିରଚିଘାଟ ଜଙ୍ଗଲ ନିକଟରେ ଜୁଆ ଖେଳ ଚାଲିଥିବା ବେଳେ ରବିବାର ସନ୍ଧ୍ୟା ୫ଘଣ୍ଟା ବେଳେ ଝରିଗାଁ ପୋଲିସ ତରଫରୁ ଅତର୍କିତ ଭାବେ ଚଢ଼ାଉ କରାଯାଉଛି।ଏହି ଘଟଣାରେ ପୋଲିସ ଉମରକୋଟ ଅଞ୍ଚଳର ସନ୍ତୋଷ କୁମାର ପାଢ଼ୀ, ଡାବୁଗାଁର ସନ୍ତୋଷ କୁମାର ପାତ୍ର, ଝରିଗାଁ ର ଦୁଇ ଜଣ ଡି ସୂପୁ ରାଜୁ, ସନ୍ତୋଷ କୁମାର ନାୟକ ଏବଂ ଛତିଶଗଡ଼ ଦେଓବନ୍ଧ ନିକଟସ୍ଥ ଗିରସିଲା ଗ୍ରାମର କିଶୋର କୁମାର କଶ୍ୟପଙ୍କୁ ପୋଲିସ କାବୁ କରିବାବେଳେ ଅନ୍ୟ ମାନେ ଘଟଣା ସ୍ଥଳରୁ ପୋଲିସ କୁ ଦେଖି ଚମ୍ପଟ ମାରିଥିଲେ । ଖେଳ ନିକଟରୁ ନଗଦ୫୮ ହଜାର ୭ଶହ ଟଙ୍କା, ସହ ୪ ଗୋଟି ଚାରି ଚକିଆ ଗାଡ଼ି, ୧୨ ଗୋଟି ଦୁଇ ଚକିଆ ଗାଡ଼ି ସହ ୪ ମୋବାଇଲ ଓ ୩ ଏଟିମ୍ କାର୍ଡ ପୋଲିସ ଜବତ କରିଥିବା ନେଇ ଥାନା ଅଧିକାରୀ ରଚିତା ମାଡକାମି ପ୍ରକାଶ କରିଛନ୍ତି। ଏନେଇ ପୋଲିସ କେସ ନମ୍ବର ୧୬୨/୨୦୨୬ ରେ ଏକ ମାମଲା ରୁଜୁ କରିଛି। ଚଢାଉ ବେଳେ ଥାନା ଅଧିକାରୀଙ୍କ ସହ ଏସ ଆଇ କେ. ଲକ୍ଷ୍ମୀନାରାୟଣ ଡୋରା, ହାବିଲଦାର ମୁରଲୀ ବିଶୋଇଙ୍କ ସହ ଥାନାର ବହୁ କର୍ମଚାରୀ ଉପସ୍ଥିତ ରହିଥିଲେ।

# ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର

**ରାଉରକେଲା,:** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖା ଓ ଫର୍ଟିଲାଇଜର ସ୍ଥିତ ଚିନ୍ମୟ ଏକାଡେମୀ ର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଅବଦାନ ସମ୍ପର୍କରେ ଏକ ବୈ।ଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖାର କାର୍ଯ୍ୟକାରୀ ସଭାପତି ଡ ତ୍ରିନାଥ ଦାଶ ମୋହିନୀଙ୍କ ସଭାପତିତ୍ୱ, ସହ ସମ୍ପାଦିକା ଶ୍ୱେତାଲିନା ଶତପଥୀ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ, ବିଷୟ ବିଶେଷଜ୍ଞ ଭାବେ ଶିକ୍ଷାବିତ୍ ଶାନ୍ତନୁ ମୁଦୁଲି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଆଦିତ୍ୟ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ପ୍ରାରମ୍ଭରେ ଶାଖାର ସଭାପତି ଗାନ୍ଧୀ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ବିଭାଗର ମୁଖ୍ୟ ଡ ସୁରେନ୍ଦ୍ର କୁମାର ବେହେରା ଅତିଥି ମାନଙ୍କ ପରିଚୟ ଓ ଆଲୋଚନା ପ୍ରସଙ୍ଗରେ ମତ ରଖି କହିଲେ ଯେ ସାହିତ୍ୟ ହେଉଛି ଆଗ୍ରହ, ଆକାଂକ୍ଷା ଓ ସ୍ୱପ୍ନ। ଏହା ସହ ସେ ବିଭିନ୍ନ ସାହିତ୍ୟିକଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ କହିଲେ ଯେ ସାହିତ୍ୟ ଏକ ବିରାଟ ସମୁଦ୍ର। ଖଣ୍ଡା ଓ କଲମ ମଧ୍ୟରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ଯୁଗଯୁଗ ଧରି ସାହିତ୍ୟିକ ମାନେ ସମାଜକୁ ସଂସ୍କାରିତ କରିବା ପାଇଁ କଲମ ଚାଳନା କରିଛନ୍ତି ଓ ମଣିଷ କୁ ମଣିଷ ଭଳି ତିଆରି କରିବାରେ ସାହିତ୍ୟର ଆବଶ୍ୟକତା ତଥା ବିଭିନ୍ନ ସାହିତ୍ୟିକ,କବି ଙ୍କ ବିଭିନ୍ନ ଉକ୍ତି ସହ ତତ୍କାଳୀନ ସମୟରେ କିପରି ଜନମାନସକୁ ପ୍ରେରିତ କରିଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ପାଟ୍ଟଶାଣୀ ମା, ମାତୃଭୂମି,ସ୍ୱର୍ଗ ତଥା ବିଦ୍ରୋହ କିପରି ଚାଷ ଜମିରୁ ଆରମ୍ଭ ହୋଇଥିଲା ଓ ୧୯୨୦ ରୁ ଓଡ଼ିଆ ମାନେ କିପରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଲକ୍ଷ୍ମୀପୁରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଲକ୍ଷ୍ମୀପୁର, (ମହାଭାରତ):** କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ପରିସରରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ନିଜ ନିଜ ସମସ୍ୟା ଓ ଅଭିଯୋଗ ପ୍ରଶାସନ ସମ୍ମୁଖରେ ରଖିଥିଲେ।ଏହି ଶୁଣାଣିରେ ମୋଟ ୬୭ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ, ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଏବଂ ୪୪ଟି ସାମୂହିକ ଅଭିଯୋଗ ରହିଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗକାରୀମାନେ ନିଜ ଅଞ୍ଚଳର ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟା ମଧ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ଜିଲ୍ଲାପାଳ ଅଭିଯୋଗକାରୀ ମାନଙ୍କ କଥାକୁ ଗୁରୁତ୍ୱର ସହ ଶୁଣିବା ସହ ସମସ୍ୟାର ପ୍ରକୃତ ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ନେଇଥିଲେ। ଯେଉଁ ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ ଯୋଗ୍ୟ, ସେଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ନେବା ସହ ଅନ୍ୟ ଅଭିଯୋଗଗୁଡ଼ିକୁ ନିୟମାନୁସାରେ ତଦନ୍ତ କରି ସମାଧାନ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମିଳିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏକାଠି ଭାବେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିବା ଯୋଗୁଁ ଅଭିଯୋଗକାରୀମାନେ ନିଜ ସମସ୍ୟା ସିଧାସଳଖ ଭାବେ ପ୍ରଶାସନ ନିକଟରେ ରଖିବାର ସୁଯୋଗ ପାଇଥିଲେ।ଦୀର୍ଘଦିନ ଧରି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଆଶା ପ୍ରକାଶ କରିଥିଲେ। ଅଭିଯୋଗ ଦାଖଲ କରିବା ପରେ ସମ୍ପୃକ୍ତ ବିଭାଗ ଏହା ଉପରେ କି ପଦକ୍ଷେପ ନେଉଛି ଏବଂ କେତେ ଶୀଘ୍ର ସମସ୍ୟାର ସମାଧାନ ହେଉଛି, ତାହା ଉପରେ ଏବେ ଅଭିଯୋଗକାରୀଙ୍କ ନଜର ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସମୟସୀମା ମଧ୍ୟରେ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବା ନେଇ ଆଶା ପ୍ରକାଶ ପାଇଛି। ଲକ୍ଷ୍ମୀପୁରରେ ଆୟୋଜିତ ଏହି ମିଳିତ ଅଭିଯୋଗ ଶୁଣାଣି ମାଧ୍ୟମରେ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗର ଏକ ସୁଯୋଗ ସୃଷ୍ଟି ହୋଇଥିଲା।

## ଗାଁକୁ ଯାଇ ପାରିଲା ନାହିଁ ଆମ୍ବୁଲାନ୍ସ

# ଗର୍ଭବତୀଙ୍କୁ ବୋହି ନେଲେ ଆଶା ଦିଦି ଓ ପରିବାର ଲୋକ

**ଦେବଗଡ଼:** ନାଳରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଆଜି ସକାଳେ ଗର୍ଭବତୀ ମହିଳାଙ୍କୁ ବୋହି ନାଳ ପାର କଲେ ଆଶା ଦିଦି ଓ ପରିବାର। ଦେବଗଡ଼ ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବାରକୋଟ ବ୍ଲକ କାଳିଆପାଳ ଗ୍ରାମକୁ ବିଚ୍ଛିନ୍ନ ହୋଇଛି ଯୋଗାଯୋଗ। କାଳିଆପାଳ ଗାଁ ନିକଟ ଟାଙ୍କୁଜୁରା ନାଳରେ ବନ୍ୟା ପାଣି ପ୍ରବାହିତ ହେବାରୁ ପୋଲ ଉପରେ ଆଜି ସକାଳୁ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି ।କାଳିଆ ପାଳ ଗ୍ରାମର ସନ୍ତୋଷ ନାୟକଙ୍କ ସ୍ତ୍ରୀ ପଦ୍ମିନୀ ଶବର ପ୍ରସବ ଯନ୍ତ୍ରଣା ହୋଇଥିଲା । ସନ୍ତୋଷ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଠିକ ସମୟରେ ଆମ୍ବୁଲାନ୍ସ ଆସିଥିଲା ମାତ୍ର ଟାଙ୍କୁଜୁରା ନାଳ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉ ଥିବାରୁ ସମୟରେ ଆମ୍ବୁଲାନ୍ସ ଅଧାରେ ଅଟକି ଯାଇଥିଲା । ଆଶା ଦିଦି ଓ ପରିବାର ଲୋକେ ମହିଳାଙ୍କୁ ବିପଦ ପୂର୍ଣ୍ଣ ଭାବେ ଗର୍ଭବତୀ ମହିଳା ଙ୍କୁ ବୋହି ନାଳ ଅତିକ୍ରମ କରାଇଥିଲେ । ଏଭଳି ସମସ୍ୟା ଯୋଗୁଁ ଗର୍ଭବତୀ ମହିଳା ଠିକ ସମୟରେ ଡାକ୍ତରଖାନାରେ ପହଞ୍ଚି ନପାରି ଆମ୍ବୁଲାନ୍ସରେ ନିଆଯାଉଥିବା ବେଳେ ଆମ୍ବୁଲାନ୍ସ ଭିତରେ ସେ ପ୍ରସବ କରି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ।

# ମାଟାପାକା ପଞ୍ଚାୟତରେ ମିଳିତ ଜନଶୁଣାଣି ଶିବିର

**ମାଲକାନଗିରି,(ମହାଭାରତ):**ମାଲକାନଗିରି ବ୍ଲକ ଅନ୍ତର୍ଗତ ମାଟାପାକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଓ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍., ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି।

# ରୋଟାରୀ ପାରାମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନବାଗତ ଛାତ୍ରଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ

**ଉଦଳା, :**ଉଦଳାସ୍ଥିତ ରୋଟାରୀ ପାରାମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଆଜି ସକାଳ ୧୦ଟା ସମୟରେ ଆନନ୍ଦ ଓ ଉତ୍ସାହର ସହିତ ଡିଏମଏଲଟି କଲେଜ ରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଉଦଳା ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ମୀନାକେତନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶୃଙ୍ଖଳା ଓ ମାନବିକତାର ମହତ୍ତ୍ୱ ବୁଝାଇଥିଲେ। ସେ କହିଥିଲେ ଯେ, ପାରାମେଡିକାଲ୍ ଶିକ୍ଷା କେବଳ ଏକ ଚାକିରି ପାଇବାର ମାଧ୍ୟମ ନୁହେଁ; ଏହା ମାନବ ସେବାର ଏକ ମହାନ ସୁଯୋଗ। ଛାତ୍ରଛାତ୍ରୀମାନେ ମନ ଦେଇ ପାଠ ପଢ଼ି ଦକ୍ଷ ହେବା ସହିତ ଭଲ ମଣିଷ ହୋଇ ରୋଗୀ ଓ ସମାଜର ଆବଶ୍ୟକତାରେ ଥିବା ଲୋକଙ୍କ ସେବା କରିବାକୁ ସେ ଆହ୍ୱାନ ଦେଇଥିଲେ।କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରି ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାର ସହିତ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।ରୋଟାରୀ କ୍ଲବ୍‌ର ସଭାପତି ଅଜୟ କୁମାର ବେହେରା ସ୍ୱାଗତ ସମାରୋହର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ୍‌ର ଚେୟାରମ୍ୟାନ୍ ରୋଟାରିଆନ୍ ସୁବାସ ଚନ୍ଦ୍ର ପଣ୍ଡା ଏବଂ ସେକ୍ରେଟାରୀ ପ୍ରହଲ୍ଲାଦ କୁମାର ଦାସ ମଞ୍ଚାସୀନ ଥିଲେ। ପ୍ରଜ୍ଞା ପରମିତା ପୋଥାଳ ମଞ୍ଚ ପରିଚାଳନା କରି ଥିଲେ.ନୂତନ ଛାତ୍ରଛାତ୍ରୀମାନେ ଏହି ସ୍ୱାଗତ ସମାରୋହରେ ଉତ୍ସାହର ସହିତ ଯୋଗଦେଇ ନିଜର ନୂତନ ଶିକ୍ଷାଜୀବନ ଆରମ୍ଭ କରିଥିଲେ।ଅନୁଷ୍ଠାନର ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ ଶିକ୍ଷାଜୀବନ କାମନା କରାଯାଇଥିଲା। ନିର୍ଦ୍ଦେଶକ ତଥା ରୋଟାରି ସେବା ଅଧକ ରୋ. ଅଶୋକ କୁମାର ମହାନ୍ତି ଙ୍କ ତତ୍ତ୍ୱାବଧାନ ରେ ଉକ୍ତ କାର୍ଯ୍ୟ କ୍ରମକୁ ପ୍ରଶାନ୍ତ କୁମାର ସେନ କ୍ଷିତୀଶ ଚନ୍ଦ୍ର ପୁଥାଳ, ଗମ୍ହା ମାଝୀ, ଅଞ୍ଜଳି ମହାନ୍ତି, . ଚିତ ରଞ୍ଜନ ବାରିକ, ବ୍ରହ୍ମାନନ୍ଦ ନାୟକ. ପ୍ରତାପ ମହାନ୍ତି. ପୂର୍ଣ୍ଣ ଚନ୍ଦ୍ର ସାହୁ, ଦୋଳମଣୀ ପୁହାଣ, ପ୍ରେମଲତା ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରଜ୍ଞା ବାରିକ ଓ ସମାପିକା ବେହେରା ଆଦି ସହଯୋଗ କରି ଥିଲେ.ଶେଷରେ ରୋଟାରିଆନ୍ ରାଜଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟି ଆଢୁଆଳରେ ବଡ ସିନ୍ଦେର ଜଳପ୍ରପାତ

# ପ୍ରକୃତିର କୋଳରେ ଲୁଚିଛି ଅପୂର୍ବ ସୌନ୍ଦର୍ଯ୍ୟ

**ଥୁଆମୂଳ ରାମପୁର,(ମହାଭାରତ):** ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରପୂର କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକରେ ରହିଛି ଅନେକ ଅନାବିଷ୍କୃତ ପର୍ଯ୍ୟଟନସ୍ଥଳୀ। ଏହି ଅନାବିଷ୍କୃତ ପ୍ରାକୃତିକ ସମ୍ପଦ ମଧ୍ୟରୁ ବଡ ସିନ୍ଦେର ଜଳପ୍ରପାତ ଅନ୍ୟତମ। ପାଡେପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖମାରପଦର ଗ୍ରାମର ଭୂତଗୁଡା ଗାଁ ନିକଟରେ ଅବସ୍ଥିତ ଏହି ଜଳପ୍ରପାତ ପ୍ରାକୃତିକ ବେଣାଖମାର ସଂରକ୍ଷିତ ଜଙ୍ଗଲର ସବୁଜ ବନାନୀ ମଧ୍ୟରେ ନିଜର ଅପୂର୍ବ ରୂପରେ ଶୋଭା ପାଉଛି। ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୧୧୦ କିଲୋମିଟର ଏବଂ ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଏହି ମନୋରମ ଜଳପ୍ରପାତ। ମହୁଲପାଟଣା ଦେଇ ଖମାରପଦର ଓ ଭୂତଗୁଡା ଅଭିମୁଖେ ଯାତ୍ରା କରିବାକୁ ପଡ଼ିଥାଏ। ଦୁର୍ଗମ ଭୌଗୋଳିକ ପରିବେଶ ମଧ୍ୟରେ ଥିବାରୁ ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବେ ବି ବ୍ୟାପକ ଭାବେ ଲୋକଲୋଚନକୁ ଆସିପାରିନାହିଁ। ପାହାଡ଼ ଛାତିରୁ ଝରୁଛି ଧଳା ଜଳଧାରା ଉଚ୍ଚ ପାହାଡ଼ିଆ ଶିଳାଖଣ୍ଡ ଦେଇ ଝରି ଆସୁଥିବା ଜଳଧାରା ତଳକୁ ଖସିବା ବେଳେ ସୃଷ୍ଟି କରୁଛି ମନୋମୁଗ୍ଧକର ଦୃଶ୍ୟ। ଚାରିପଟେ ଘଞ୍ଚ ସବୁଜ ଜଙ୍ଗଲ, ପାହାଡ଼ର ଶିଳାଖଣ୍ଡ ଓ ଝରଣାର ଅବିରତ ଜଳଧାରା ଏହି ସ୍ଥାନର ପ୍ରାକୃତିକ ଶୋଭାକୁ ଆହୁରି ବଢ଼ାଇ ଦେଇଛି। ଜଳପ୍ରପାତର ଗର୍ଜନ ସାଙ୍ଗକୁ ଜଙ୍ଗଲର ନିରବତା ଏବଂ ସବୁଜିମାର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥାଏ। ପ୍ରକୃତିର ଏହି ଅନନ୍ୟ ରୂପ ଦେଖିଲେ ଲାଗେ, ଯେପରି ପାହାଡ଼ ଓ ଜଙ୍ଗଲର ଛାତି ମଧ୍ୟରେ ପ୍ରକୃତି ନିଜ ହାତରେ ଗଢ଼ିଛି ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ। ବଣଭୋଜି ଋତୁରେ ନୁହେଁ, ବର୍ଷ ତମାମ ଆସୁଛନ୍ତି ପର୍ଯ୍ୟଟକ। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ଥିବା ଏହି ଜଳପ୍ରପାତ ପ୍ରତି ପ୍ରକୃତିପ୍ରେମୀଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ସମେତ କଳାହାଣ୍ଡି ଓ ଅନ୍ୟ ଜିଲ୍ଲାରୁ ମଧ୍ୟ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। କେବଳ ବଣଭୋଜି ଋତୁରେ ନୁହେଁ, ବର୍ଷର ବିଭିନ୍ନ ସମୟରେ ଲୋକେ ଏଠାକୁ ଆସି ଜଳପ୍ରପାତର ମନୋରମ ଦୃଶ୍ୟ ଉପଭୋଗ କରୁଛନ୍ତି। ତେବେ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ବ୍ୟାପକ ସମ୍ଭାବନା ଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ ପ୍ରଚାରପ୍ରସାର ଅଭାବରୁ ଏହା ଏବେ ବି ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ବଡ ସିନ୍ଦେର ପର୍ଯ୍ୟଟନ ବିକାଶରେ ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଉନ୍ନତ ଯୋଗାଯୋଗ ବ୍ୟବସ୍ଥା। ବିଶେଷକରି ଖମାରପଦର ଓ ଭୂତଗୁଡା ଗାଁକୁ ଯାଇଥିବା ରାସ୍ତାର ଉନ୍ନତିକରଣ ଜରୁରୀ। ରାସ୍ତା ସୁଗମ ହେଲେ ଅଧିକ ସଂଖ୍ୟକ ପର୍ଯ୍ୟଟକ ସହଜରେ ଏଠାକୁ ଆସିପାରିବେ। ଏଥିସହିତ ଜଳପ୍ରପାତ ନିକଟକୁ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ଚଲାପଥ ନିର୍ମାଣ, ଆଶ୍ରୟସ୍ଥଳୀ ଓ ବିଶ୍ରାମସ୍ଥଳୀ, ପାନୀୟଜଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇବା ଆବଶ୍ୟକ। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ୍ୟ ସର୍ବାଧିକ ପ୍ରାଥମିକତା ଦେବା ଦରକାର। ବଡ ସିନ୍ଦେରକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଗଲେ ଏହାର ସୁଫଳ କେବଳ ପର୍ଯ୍ୟଟକଙ୍କୁ ମିଳିବ ନାହିଁ, ସ୍ଥାନୀୟ ଲୋକଙ୍କ ଜୀବିକାରେ ମଧ୍ୟ ନୂଆ ସମ୍ଭାବନା ସୃଷ୍ଟି ହେବ। ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ପର୍ଯ୍ୟଟକ ଗାଇଡ୍, ଖାଦ୍ୟ ଓ ଛୋଟ ବ୍ୟବସାୟ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିକ କାର୍ଯ୍ୟକଳାପ ମାଧ୍ୟମରେ ରୋଜଗାରର ସୁଯୋଗ ସୃଷ୍ଟି ହୋଇପାରିବ। ବଡ ସିନ୍ଦେର ଜଳପ୍ରପାତକୁ ରାଜ୍ୟର ଏକ ପ୍ରମୁଖ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରଶାସନର ସମନ୍ୱିତ ପଦକ୍ଷେପ ଆବଶ୍ୟକ। ରାସ୍ତାଘାଟର ଉନ୍ନତି ସହିତ ପ୍ରକୃତି ଓ ଜଙ୍ଗଲର ସୁରକ୍ଷାକୁ ଅକ୍ଷୁଣ୍ଣ ରଖି ଏଠାରେ ପର୍ଯ୍ୟଟନ ଭିତ୍ତିଭୂମି ବିକଶିତ କରାଗଲେ ଏହା କଳାହାଣ୍ଡିର ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ।

# ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି




ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସୁପ୍ରିମକୋର୍ଟରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମିଳିଛି। ସୋମବାର ଶୀର୍ଷକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ଉଭୟ ଏଜେନ୍ସିକୁ ଅଭିଯୋଗଗୁଡ଼ିକର ତଦନ୍ତ ଏବଂ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କୁ ଅଗଷ୍ଟ ୨୦ ତାରିଖରେ ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖିବାକୁ କହିଛନ୍ତି। ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଏହି ମାମଲାରେ ସିବିଆଇ ଏବଂ ଇଡି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାହୁଲଙ୍କ ଆବେଦନର ଏକ କପି ଅଭିଯୋଗକାରୀଙ୍କୁ ଦିଆଯାଉ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଯେଉଁଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନା ମଧ୍ୟ ସାମିଲ ଥିଲେ। ସୁପ୍ରିମକୋର୍ଟ ସିବିଆଇ ଏବଂ ଇଡିକୁ ବର୍ତ୍ତମାନ ପାଇଁ ଏହି ମାମଲାରେ କୌଣସି ରିପୋର୍ଟ ଦାଖଲ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଶୁଣାଣି ସମୟରେ, ସୁପ୍ରିମକୋର୍ଟ ନ୍ୟାୟର ନୀତିଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ଏପରି କାର୍ଯ୍ୟ ନ୍ୟାୟ ଏବଂ ନିରପେକ୍ଷତାର ନୀତି ପାଳନ କରିବା ଆବଶ୍ୟକ ବୋଲି ସୂଚିତ କରିଛନ୍ତି।

କର୍ଣ୍ଣାଟକ ବିଜେପି କର୍ମୀ ଏସ. ଭିଗ୍ନେଶ ଶିଶିରଙ୍କ ଦ୍ୱାରା ଦାୟର ଏହି ଆବେଦନରେ ଅଭିଯୋଗ କରାଯାଇଥିଲା ଯେ ରାହୁଲ ଗାନ୍ଧୀଙ୍କ ଜ୍ଞାତ ଆୟ ଉତ୍ସ ଠାରୁ ଅଧିକ ସମ୍ପତ୍ତି ଅଛି। ଏହି ଅଭିଯୋଗଗୁଡ଼ିକର ତଦନ୍ତ ଦାବି କରାଯାଇଥିଲା।ଜୁଲାଇ ୨୦ ତାରିଖରେ, ଆହ୍ଲାବାଦ ହାଇକୋର୍ଟ ଅଭିଯୋଗଗୁଡ଼ିକୁ ଯାଞ୍ଚ୍ କରିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହା ମଧ୍ୟ କହିଥିଲେ ଯେ ଯଦି ତଦନ୍ତରେ କୌଣସି ଆଇନ ଉଲ୍ଲଂଘନ ପ୍ରମାଣ ମିଳେ, ତେବେ ଇଡି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ସିବିଆଇର ଉତ୍ତରରେ ଅସନ୍ତୋଷ ପ୍ରକାଶ କରି, ହାଇକୋର୍ଟ ଜଣେ ବରିଷ୍ଠ ଅଧିକାରୀଙ୍କୁ ତଦନ୍ତର ଅଗ୍ରଗତି ବିଷୟରେ ଏକ ନୂତନ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ତଦନ୍ତ ରିପୋର୍ଟ ଦାଖଲ ଏବଂ ହାଇକୋର୍ଟରେ ପରବର୍ତ୍ତୀ ଶୁଣାଣି ସ୍ଥଗିତ ରହିବ।

## ବିମାନ ଟିକେଟ ମହଙ୍ଗା ନେଇ ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା, ଭଡ଼ା କମ୍ କରିପାରୁନ ଯଦି ଉଡ଼ାଣ ବନ୍ଦ କରିଦିଅ

ନୂଆଦିଲ୍ଲୀ : ପର୍ବପର୍ବାଣୀ ଏବଂ ଛୁଟି ସମୟରେ ବିମାନ ଟିକେଟ ଦାମ୍ ମହଙ୍ଗା ହେବା ମାମଲାରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହତାଙ୍କ ପୀଠ କହିଛି କି, ଯଦି ଏୟାରଲାଇନ୍ସ ଧାର୍ଯ୍ୟ ନିୟମ ପାଳନ କରିପାରୁନାହିଁ, ତେବେ ଉଡ଼ାଣ ବନ୍ଦ କରିଦେଉ । ଯାତ୍ରୀଙ୍କ ହିତ ପାଇଁ ବ୍ୟବସ୍ଥା କରାଯାଇଛି, କିନ୍ତୁ ଏହାର ପାଳନକୁ ନେଇ ଏବେ ସ୍ଥିତି ସ୍ପଷ୍ଟ ନାହିଁ ବୋଲି କୋର୍ଟ କହିଛନ୍ତି । ସୁପ୍ରିମକୋର୍ଟରେ ଏହି ମାମଲାରେ ଶୁଣାଣି ସମୟରେ କେନ୍ଦ୍ର ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକ କହିଛନ୍ତି, ବିମାନ ଯାତ୍ରା ଏବଂ ଶୁଳ୍କ ସହିତ ଜଡ଼ିତ ନିୟମ କରିବାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି । ସେ କୋର୍ଟକୁ ସିଲବନ୍ଦ ଲିଫାଫାରେ ନିୟମ ମଧ୍ୟ ପ୍ରଦାନ କରିଛନ୍ତି । ନିୟମକୁ ଅନ୍ତିମ ରୂପ ଦେବାକୁ ୩ ସପ୍ତାହ ସମୟ ଲାଗିବ ଏବଂ ଏହାପରେ କୋର୍ଟ ବିଚାର କରିବେ । ଯାଚିକାକର୍ତ୍ତାଙ୍କ କହିବା ମୁତାବକ, ଏହି ମାମଲା ଦୁର୍ଭାଗ୍ୟପୂର୍ଣ୍ଣ ଯେ, ନାଗରିକ ଉଡ୍ଡୟନ ମନ୍ତ୍ରୀ ସଂସଦରେ କହିଛନ୍ତି, ସରକାର ବିମାନ ଯାତ୍ରା ଭଡ଼ାକୁ ନେଇ କୌଣସି ସୀମା ଧାର୍ଯ୍ୟ କରିପାରିବେ ନାହିଁ । ଏୟାରଲାଇନ୍ସ ଯେଉଁଭଳି ଭାବେ ଯାତ୍ରୀଙ୍କ ଠାରୁ ଶୁଳ୍କ ଆଦାୟ କରୁଛି, ସେଥିପାଇଁ ପ୍ରସ୍ତୁତ ହୋଇଥିବା କୌଣସି ଅଫିସିଆଲ ନିୟମ ସଠିକ୍ ଭାବେ ପାଳନ ହେଉନାହିଁ । ସର୍ବୋଚ୍ଚ ଅଦାଲତ ଏହାପୂର୍ବରୁ ଉତ୍ସବ ଏବଂ ପର୍ବପର୍ବାଣୀ ସମୟରେ ବିମାନ ଯାତ୍ରା ଭଡ଼ା ବଢାଇବାକୁ ନେଇ ଯାତ୍ରୀଙ୍କୁ ଶୋଷଣ କରୁଥିବା କହିଥିଲେ । ଗୋଟିଏ ରୁଟ୍ ପାଇଁ ଅଲଗା ଅଲଗା ଏୟାରଲାଇନ୍ସର ଭିନ୍ନ ଭିନ୍ନ ଭଡ଼ା ରହିଛି । ଗୋଟିଏ ରୁଟରେ ଟିକେଟ ଦାମ୍ ୮ ହଜାର ଆରମ୍ଭ କରି ୧୮ ହଜାର ଯାଏଁ ମଧ୍ୟ ରହିଛି । ତେବେ ଏନେଇ ସୁପ୍ରିମକୋର୍ଟ କେନ୍ଦ୍ର ତରଫରୁ ମଗାଯାଇଥିବା ୩ ସପ୍ତାହର ସମୟକୁ ସ୍ୱୀକାର କରିଛି । ଏବେ ଏହି ମାମଲାର ଆଗାମୀ ଶୁଣାଣି ୭ ସେପ୍ଟେମ୍ବରରେ ହେବ ।


## ଡ୍ରଗ୍ ଟେଷ୍ଟରେ ପଜିଟିଭ୍ ଆଉ ଦୁଇ ଏୟାର ଇଣ୍ଡିଆ ପାଇଲଟ୍

ନୂଆଦିଲ୍ଲୀ: ଏୟାର ଇଣ୍ଡିଆର ସଙ୍କଟ ଶେଷ ହେବାର ନା ଧରୁନି। ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସ ଘଟଣା ପରେ, ପାଇଲଟଙ୍କ ବ୍ୟବସ୍ଥାକୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏବେ ଆଉ ଦୁଇ ଜଣ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ଏହି ଦୁଇ ପାଇଲଟଙ୍କ ଚୂଡ଼ାନ୍ତ ପରୀକ୍ଷା ଫଳାଫଳ ଅପେକ୍ଷାରେ ଥିବା ବେଳେ, ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଡ୍ୟୁଟି ତଥା ଫ୍ଲାଇଟ୍ ରୋଷ୍ଟରରୁ ହଟାଇ ଦିଆଯାଇଛି। ପ୍ରାରମ୍ଭିକ ଡ୍ରଗ୍ ପରୀକ୍ଷାରେ ଦୁଇ ପାଇଲଟଙ୍କର ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଚୂଡ଼ାନ୍ତ ପରୀକ୍ଷଣ ରିପୋର୍ଟ ଆସିବାକୁ ୨୪ ରୁ ୪୮ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଲାଗିପାରେ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହିଁ ଦୁଇ ପାଇଲଟଙ୍କ ବିରୋଧରେ ପରବର୍ତ୍ତୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସ୍ପଷ୍ଟ ହେବ। ଇତିମଧ୍ୟରେ ଏୟାର ଇଣ୍ଡିଆରେ କାର୍ଯ୍ୟରତ ୫ ହଜାରରୁ ଅଧିକ ପାଇଲଟଙ୍କ ମଧ୍ୟରୁ ୩୦୦ରୁ ଅଧିକ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା କରାଯାଇଛି।

## କାରଖାନାରେ ଭୟଙ୍କର ବିସ୍ଫୋରଣ, ଅନେକ ଶ୍ରମିକ ଆହତ

ମହାରାଷ୍ଟ୍ର : ପାଲଘରର ବୋଇସର ଏମଆଇଡିସିରେ ଭଙ୍କର ବିସ୍ଫୋରଣ । ବୋଇସର ତାରାପୁର ଏମଆଇଡିସି ସ୍ଥିତ ବିରାଜ ପ୍ରୋଫାଇଲ କମ୍ପାନୀରେ ବିସ୍ଫୋରଣ ହୋଇଛି । ପ୍ରାଥମିକ ସୂଚନା ମୁତାବକ, ଉତ୍ପାଦନ ବନ୍ଦ ରହିଥିବା ବେଳେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣରେ ଅନେକ ଆହତ ହୋଇଥିବା ଆଶଙ୍କା କରାଯାଉଛି । ପ୍ରଶାସନ ଏବଂ ସମ୍ବନ୍ଧୀୟ ବିଭାଗର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ଖବର ମୁତାବକ, ସୋମବାର ସକାଳ ୧୧ ଟା ସମୟରେ କାରଖାନାରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ହେବା ପରେ ଘଟଣା ସ୍ଥଳରେ ଆତଙ୍କ ଦେଖାଦେଇଥିଲା । କମ୍ପାନୀ ଭିତରେ କାମ କରୁଥିବା ଶ୍ରମିକ ଭିତରେ ଫସିଥିବା ଜଣାପଡିଛି । ବିସ୍ଫୋରଣ ଯୋଗୁଁ ଆଖପାଖରେ ଥିବା ଲୋକେ ଭୟଭୀତ ହୋଇଯାଇଥିଲେ । ବିସ୍ଫୋରଣ ପରେ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ଆହତ ଶ୍ରମିକଙ୍କୁ ସ୍ଥାନୀୟ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏହାସହିତ ସ୍ଥାନୀୟ ଲୋକଙ୍କ ସହାୟତାରେ କମ୍ପାନୀ ଭିତରେ ଫସିଥିବା ଶ୍ରମିକଙ୍କୁ ଖୋଜି ଉଦ୍ଧାର କରିବାକୁ ଚେଷ୍ଟା କରାଯାଉଛି । ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ସ୍ଥାନୀୟ ଲୋକ ତାରାପୁର ଏମଆଇଡିସି କମ୍ପାନୀର ସୁରକ୍ଷାକୁ ନେଇ ଅଣଦେଖା କରିବାର ଅଭିଯୋଗ କରିଥିଲେ । ଏହି ସମୟରେ ନାଗରିକ କମ୍ପାନୀ ପ୍ରଶାସନ ଉପରେ ଗୁରୁତର ଅଭିଯୋଗ କରିଥିଲେ । ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କୌଣସି ଦୃଷ୍ଟି ଦେଇନଥିଲା । ତେଣୁ ଏଭଳି ଅଘଟଣ ଘଟିଛି । ସ୍ଥାନୀୟ ପ୍ରଶାସନ ଘଟଣା ସ୍ଥଳରେ ଉପସ୍ଥିତ ରହିଛି । ବିସ୍ଫୋରଣର କାରଣ ଖୋଜା ଚାଲିଛି । ପୋଲିସ ମାମଲାର ଯାଞ୍ଚ କରୁଛି ।

## ଦ୍ୱିଶାଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା: ସିବିଆଇ ଚାର୍ଜସିଟ୍ ପ୍ରକାଶ କଲା ସତ୍ୟ


ଭୋପାଳ: ମଧ୍ୟପ୍ରଦେଶର ଭୋପାଳରେ ଦ୍ୱିଶା ଶର୍ମା ମୃତ୍ୟୁ ମାମଲାରେ ସିବିଆଇ ଏକ ବଡ଼ ଖୁଲାସା କରିଛି। ସିବିଆଇ ୬୩୬ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରି ଏହାକୁ ଏକ ଆତ୍ମହତ୍ୟା ବୋଲି ପ୍ରକାଶ କରିଛି। ସିବିଆଇ କହିଛି ଯେ, ଦ୍ୱିଶାଙ୍କ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟରେ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରାଯାଇଛି।ଦ୍ୱିଶା ଶର୍ମାଙ୍କ ପରିବାର ପ୍ରାରମ୍ଭିକ ପୋଷ୍ଟମର୍ଟମ ରିପୋର୍ଟକୁ ବିରୋଧ କରି କହିଥିଲେ ଯେ ତଥ୍ୟ ସହିତ ହେରଫେର୍ କରାଯାଇଛି। ଦ୍ୱିଶାଙ୍କ ବାପାମାଆ ଏବଂ ଭାଇ ଅଭିଯୋଗ କରିଥିଲେ, ପୋଷ୍ଟମର୍ଟମ ପୂର୍ବରୁ ତାଙ୍କ ଅଭିଯୁକ୍ତ ଶାଶୁ ଗିରିବାଲାଙ୍କ ପ୍ରଭାବ ଯୋଗୁଁ ତଥ୍ୟ ସହିତ ହେରଫେର୍ କରାଯାଇଥିଲା। ସେମାନେ ସନ୍ଦେହ କରୁଥିଲେ ଯେ ଦ୍ୱିଶାଙ୍କୁ ହତ୍ୟା କରାଯାଇଛି। ଦ୍ୱିଶାଙ୍କ ପରିବାରର ଆପତ୍ତି ପରେ, ଜବଲପୁର ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀର ଏମସ୍‌ର ଏକ ଦଳ ଭୋପାଳରେ ପହଞ୍ଚି ଏମସ୍‌ରେ ପୁନର୍ବାର ଦ୍ୱିଶାଙ୍କ ପୋଷ୍ଟମର୍ଟମ୍ କରାଯାଇଥିଲେ। ତେବେ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରିଛି। ମଡେଲ-ଅଭିନେତ୍ରୀ ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେସିବିଆଇ ସମର୍ଥ ସିଂହ ଏବଂ ଗିରିବାଳା ସିଂହଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦ୍ୱିଶା ଶର୍ମାଙ୍କ ଯୌତୁକ ଜନିତ ମୃତ୍ୟୁ ଅଭିଯୋଗରେ ଅଭିଯୁକ୍ତ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଗିରିବାଳା ସିଂହ ଏବଂ ତାଙ୍କ ପୁଅ ସମର୍ଥ ସିଂହଙ୍କ ନ୍ୟାୟିକ ହାଜତକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ନିୟମିତ ମାଜିଷ୍ଟ୍ରେଟ ଛୁଟିରେ ଥିବାରୁ ଜଣେ ଡ୍ୟୁଟି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କୋର୍ଟର ଶୁଣାଣି କରାଯାଇଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଦ୍ୱିଶା ଶର୍ମାଙ୍କ ପରିବାରର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶୁଭାଙ୍ଗୀ ଦୀକ୍ଷିତ କହିଛନ୍ତି ଯେ ତଦନ୍ତ ଏବେ ବି ଜାରି ରହିଛି ବୋଲି ସିବିଆଇର ଯୁକ୍ତି ଶୁଣିବା ପରେ କୋର୍ଟ ସେମାନଙ୍କ ନ୍ୟାୟିକ ହାଜତ ବୃଦ୍ଧି ପାଇଁ ସିବିଆଇର ଆବେଦନକୁ ମଞ୍ଜୁର କରିଛନ୍ତି। କୋର୍ଟ ଶୁଣାଣି ସମୟରେ, ଅଭିଯୁକ୍ତମାନେ ସ୍ୱର ନମୁନା ପ୍ରଦାନ କରିବାରେ ସହଯୋଗ କରି ନଥିବା ସିବିଆଇର ଅଭିଯୋଗକୁ ବିରୋଧ କରିଥିଲେ। ପ୍ରତିପକ୍ଷ ମଧ୍ୟ ଅଭିଯୋଗ କରିଥିଲେ ଯେ ସ୍ୱର ନମୁନା ସଂଗ୍ରହ ପ୍ରକ୍ରିୟା ସମୟରେ ତଦନ୍ତକାରୀ ସଂସ୍ଥା ଅଧିକାରୀଙ୍କ ଆଚରଣ ଅନୁଚିତ ଥିଲା ଏବଂ କୋର୍ଟ ସମ୍ମୁଖରେ ଏହା ଉପରେ ଆପତ୍ତି ଉଠାଇଥିଲେ। ଦ୍ୱିଶାଙ୍କର ମେ' ୧୨ରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୩୩ ବର୍ଷ ବୟସ୍କା ଦ୍ୱିଶା ୯ ଡିସେମ୍ବର ୨୦୨୫ରେ ସମର୍ଥଙ୍କୁ ବିବାହ କରିଥିଲେ।

## ରାଞ୍ଚିର ଛାତ୍ର ଆନ୍ଦୋଳନ ସମ୍ପର୍କରେ ହେମନ୍ତ ସୋରେନଙ୍କୁ ଚିଠି ଲେଖିଲେ ରାହୁଲ ଗାନ୍ଧୀ...

ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଞ୍ଚିରେ ଛାତ୍ର ପ୍ରତିବାଦ ସମ୍ପର୍କରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଛନ୍ତି। ସେ ପରାମର୍ଶ ଦେଇଛନ୍ତି ଯେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ସହିତ ସାକ୍ଷାତ କରି ଝାଡ଼ଖଣ୍ଡ ସରକାରଙ୍କ ସମସ୍ୟାର ସମାଧାନ କରନ୍ତୁ। କଂଗ୍ରେସ ଦଳ ବିଶ୍ୱାସ କରେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ଗଣତନ୍ତ୍ରର ମୂଳ ସ୍ତମ୍ଭ ମଧ୍ୟରୁ ଗୋଟିଏ। ଝାଡ଼ଖଣ୍ଡର ଛାତ୍ରମାନେ ରାଜ୍ୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରତିବାଦ କରୁଛନ୍ତି। ସେମାନଙ୍କର ପ୍ରତିବାଦ ଶାନ୍ତିପୂର୍ଣ୍ଣ ଏବଂ ସେମାନଙ୍କର ଦାବି ଯଥାର୍ଥ। କିଛି ଛାତ୍ର ଅନଶନରେ ଅଛନ୍ତି। ଆପଣ ପ୍ରତିବାଦ କରୁଥିବା ଛାତ୍ରଙ୍କ ପ୍ରତିନିଧିମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସାକ୍ଷାତ କରନ୍ତୁ। ଦୟାକରି ପ୍ରତିବାଦ କରୁଥିବା ଛାତ୍ରମାନଙ୍କ କଥା ଶୁଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ଏବଂ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।

ଗତ କିଛି ମାସ ଧରି, ଆମେ ପେପର ଲିକ୍ ଏବଂ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ଆମର ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛୁ। ଆମେ ଏହା ମଧ୍ୟ ବିଶ୍ୱାସ କରୁ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଆରଏସଏସ ଏବଂ ବିଜେପି ଦ୍ୱାରା ଅପହରଣ କରାଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ ଏବଂ ଅତ୍ୟାଚାରର ଏକ ଉପକରଣରେ ପରିଣତ କରାଯାଇଛି। ଏହା ଦଶନ୍ଧି ପୂର୍ବର ବ୍ୟବସ୍ଥା ନୁହେଁ।

ଆପଣ ଗଠନ କରିଥିବା ଏକ କମିଟି ମାଧ୍ୟମରେ ଝାଡ଼ଖଣ୍ଡ ସରକାର ସେମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ବିଶ୍ୱାସ କରେ ଯେ ଛାତ୍ରଙ୍କ ଅନେକ ଦାବି ଉପରେ ସହମତି ହୋଇଛି। ତଥାପି, ପ୍ରତିବାଦ ଜାରି ରହିଛି ଏବଂ କିଛି ଛାତ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି । ଭାରତର ଯୁବପିଢ଼ି ଦେଶର ଭବିଷ୍ୟତ। ଏହି ସଙ୍କଟ ସମୟରେ ଆମକୁ ସେମାନଙ୍କ ସହିତ ଏକତା ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ସମର୍ଥନ କରିବା ଉଚିତ।

## ଅଶୋକଧାମ ପରେ ମହାକାଳ ମନ୍ଦିରରେ ଦଳାଚକଟା ସ୍ଥିତି, ଅନେକ ଶ୍ରଦ୍ଧାଳୁ ଆହତ

ମଧ୍ୟପ୍ରଦେଶ : ଶ୍ରାବଣ ୩ୟ ସୋମବାରରେ ଉଜ୍ଜୈ?ନ ମହାକାଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିରହିଛି । ଏଠାରେ ବର୍ଷକୁ ଥରେ ଖୋଲୁଥିବା ନାଗଚନ୍ଦ୍ରେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଛି । ଏହାରି ଭିତରେ ମନ୍ଦିର ପରିସରରେ ଦଳାଚକଟା ସ୍ଥିତି ଦେଖାଦେଇଛି । ହରସିଦ୍ଧି ମନ୍ଦିର ସାମ୍ନାରେ ଥିବା ବ୍ୟାରିକେଡିଂ ନିକଟରେ ଭିଡ଼ ହଠାତ୍ ବଢିଯିବାରୁ ଦଳାଚକଟା ସ୍ଥିତି ଉତ୍ପନ୍ନ ହୋଇଛି । ଭିଡ଼ ଯୋଗୁଁ ଅନେକ ଶ୍ରଦ୍ଧାଳୁଙ୍କ ଅବସ୍ଥା ବିଗିଡିଯାଇଛି । ଖବର ମୁତାବକ, ଶ୍ରାବଣ ମାସ ୩ୟ ସୋମବାରରେ ଉଜ୍ଜୈନ ମହାକାଳେଶ୍ୱର ମନ୍ଦିରକୁ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଛନ୍ତି । ଏହି ଅବସରରେ ମନ୍ଦିର ପରିସରରେ ଥିବା ନାଗଚନ୍ଦ୍ରେଶ୍ୱର ମନ୍ଦିରକୁ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଯାଉଥିବା ବେଳେ ଦଳାଚକଟା ସ୍ଥିତି ଦେଖାଦେଇଛି । ହରସିଦ୍ଧି ମନ୍ଦିର ସାମ୍ନାରେ ଥିବା ବ୍ୟାରିକେଡିଂ ନିକଟରେ ଭିଡ଼ ହଠାତ୍ ବଢିଯିବାରୁ ଦଳାଚକଟା ସ୍ଥିତି ଉତ୍ପନ୍ନ ହୋଇଛି । ଭିଡ଼ ଯୋଗୁଁ ଅନେକ ଶ୍ରଦ୍ଧାଳୁଙ୍କ ଅବସ୍ଥା ବିଗିଡିଯାଇଛି । କିଛି ଶ୍ରଦ୍ଧାଳୁ ବେହୋସ ହୋଇଥିବା ଜଣାପଡିଛି । ଘଟଣା ସ୍ଥଳରେ ସୁରକ୍ଷାକର୍ମୀ ଏବଂ ପରିଜନ ଲୋକ ଶ୍ରଦ୍ଧାଳୁଙ୍କୁ ଭିଡ଼ରୁ ଉଦ୍ଧାର କରିଥିଲେ । ଆହତଙ୍କ ଚିକିତ୍ସା ହସପିଟାଲରେ ଚାଲିଛି । ସ୍ଥାନୀୟ ରିପୋର୍ଟ ମୁତାବକ, ଘଟଣାରେ ୧୩ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡିଛି । ଶ୍ରାବଣ ମାସ ୩ୟ ସୋମବାରରେ ଭଗବାନ ମହାକାଳଙ୍କ ସହିତ ନାଗଚନ୍ଦ୍ରେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପାଇଁ ଭିଡ଼ ଲାଗି ରହିଥିଲା । ଏପର୍ଯ୍ୟନ୍ତ ୫.୫୦ ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ କରିସାରିଲେଣି । ନାଗଚନ୍ଦ୍ରେଶ୍ୱର ମନ୍ଦିର କପାଟ ବର୍ଷକୁ ଥରେ ମାତ୍ର ଖୋଲିଯାଏ । ତେଣୁ ଦର୍ଶନ ପାଇଁ ଏତେ ସଂଖ୍ୟାରେ ଶ୍ରଦ୍ଧାଳୁ ଉଜ୍ଜୈନ ପହଞ୍ଚନ୍ତି ।

## ଗୁଗଲ୍ କ୍ରୋମ୍ ପ୍ରତି ହ୍ୟାକିଂ ବିପଦ ସତର୍କ କଲେ ସରକାର-ଅପ୍‌ଡେଟ୍ କରାଇବାକୁ ପରାମର୍ଶ

ନୂଆଦିଲ୍ଲୀ: ଗୁଗଲ କ୍ରୋମ୍ ପ୍ରତି ବଡ଼ ଧରଣର ହ୍ୟାକିଂ ବିପଦ ଥିବା ସରକାରଙ୍କ ଇଣ୍ଡିଆନ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍‌ସ ଟିମ୍ (ସିଇଆରଟି-ଇନ୍) ପକ୍ଷରୁ ବ୍ୟବହାରକାରୀମାନଙ୍କୁ ସତର୍କ କରାଯାଇଛି। ବିଶେଷ କରି ଡେସ୍କଟପ୍‌ରେ କ୍ରୋମ୍ ବ୍ୟବହାର କରୁଥିବା ଲୋକମାନଙ୍କ ପ୍ରତି ହ୍ୟାକିଂର ଅଧିକ ବିପଦ ରହିଛି। ସେଥିରେ ଥିବା ଦୁର୍ବଳତାକୁ ଉପଯୋଗ କରି ହ୍ୟାକରମାନେ ଯେକୌଣସି ସ୍ଥାନରେ ରହି ଆକ୍ରମଣ କରିପାରିବେ। ଏହି ସତର୍କତା ଗୁଗଲର ଓ୍ୱିଣ୍ଡୋ, ମ୍ୟାକ୍‌ଓଏସ୍ ଓ ଲିନକ୍ସ ବ୍ୟବହାରକାରୀମାନଙ୍କ ଉପରେ ମଧ୍ୟ ଲାଗୁ ହେଉଛି। ସୁରକ୍ଷା ଅଭାବକୁ ଦୂର କରିବା ଲାଗି ତୁରନ୍ତ କ୍ରୋମ୍‌କୁ ଅପଡେଟ୍ କରିବାକୁ ସିଇଆରଟି-ଇନ୍ ପକ୍ଷରୁ କୁହାଯାଇଛି।ଗୁଗଲ କ୍ରୋମ୍‌ର ଭି୮, ଟ୍ୟାବ୍‌ଷ୍ଟ୍ରିପ୍, ଏଚ୍‌ଟିଏମ୍‌ଏଲ୍, ଏକ୍ସଟେନ୍‌ସନ୍ ଓ ବ୍ଲିଙ୍କ୍‌ରେ ସମସ୍ୟା ରହିଛି। ଏକ ୱେବ୍ ଅନୁରୋଧକୁ ଖୋଲିବା ପାଇଁ ଥୋପ ପକାଇ ହ୍ୟାକରମାନେ ଯେକୌଣସି ସମୟରେ ବ୍ୟବସ୍ଥାରେ ଥିବା ଦୁର୍ବଳତାର ଅପବ୍ୟବହାର କରିପାରିବେ। ସେ ସିଷ୍ଟମ୍‌କୁ ନିୟନ୍ତ୍ରଣକୁ ନେଇ ସେଥିରେ ବ୍ୟାପକ ପରିବର୍ତ୍ତନ କରିବା ସହ ଅନେକ କିଛି କ୍ଷତି ମଧ୍ୟ କରିପାରିବେ। ଥରେ ସିଷ୍ଟମ୍‌କୁ ନିଜ ନିୟନ୍ତ୍ରଣକୁ ନେଲେ ସେ ସମ୍ବେଦନଶୀଳ ପାସ୍‌ୱାର୍ଡ, ବ୍ୟାଙ୍କ ବିବରଣୀ ଆଦିକୁ ହାସଲ କରିପାରିବେ ଯାହାକୁ ପରବର୍ତ୍ତୀ ସମୟରେ ବ୍ୟବହାର କରି ବ୍ୟାପକ ଆର୍ଥିକ କ୍ଷତି ପହଞ୍ଚାଇପାରିବେ। କ୍ରୋମ୍ ବ୍ୟବହାର କରୁଥିବା ସାଧାରଣ ବ୍ୟକ୍ତି ଓ ସଂସ୍ଥା ଉଭୟ ଏହାଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି।

# ନିତିନ ନବୀନଙ୍କ ନୂଆ ଟିମ୍ ଘୋଷଣା, ବସୁନ୍ଧରା ଏବଂ ସ୍ମୃତି ଇରାନୀଙ୍କୁ ମିଳିଲା ବଡ଼ ଦାୟିତ୍ୱ





ନୂଆଦିଲ୍ଲୀ : ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ନୂଆ ଟିମ୍ ଘୋଷଣା କରିଛନ୍ତି । ରାଷ୍ଟ୍ରୀୟ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକଙ୍କଠାରୁ ଆରମ୍ଭ କରି ବିଭିନ୍ନ ମୋର୍ଚ୍ଚାର ସଭାପତି ପର୍ଯ୍ୟନ୍ତ ସାଂଗଠନିକ ସ୍ତରରେ ବଡ଼ ପରିବର୍ତ୍ତନ ହୋଇଛି । ନିତିନ ନବୀନଙ୍କ ନୂଆ ଟିମ୍ ରେ ଅଭିଜ୍ଞ ନେତାଙ୍କ ସହ ଅନେକ ନୂଆ ଚେହେରାଙ୍କୁ ସ୍ଥାନ ମିଳିଛି । ନୂଆ ଟିମ୍ ରେ ମୋଟ ୧୩ ଜଣଙ୍କୁ ଜାତୀୟ ଉପସଭାପତି କରାଯାଇଛି । ତାଲିକାରେ ବସୁନ୍ଧରା ରାଜେ ସିନ୍ଧିଆ, ତୀରଥ ସିଂ ରାଓ୍ୱତ, ରାମ ମାଧବ, ଡି. ପୁରନ୍ଦେଶ୍ୱରୀ, ରେଖା ବର୍ମା, ବର୍ଷାବେନ ନରେନ୍ଦ୍ରଭାଇ ଦୋଶୀ ଅଛନ୍ତି । ସେହିପରି ଡକ୍ଟର ଭାରତୀ ପ୍ରବୀଣ ପାଓ୍ୱାର, ମନପ୍ରୀତ ସିଂ ବାଦଲ, ଲାଲ ସିଂ ଆର୍ଯ୍ୟ, ପ୍ରଫେସର ଏମ୍. ନାଗରାଜା, ପ୍ରଫେସର ତାରିକ ମନସୁର ଓ ଡା. ମଧୁଚନ୍ଦ୍ର କରଙ୍କ ସମେତ ବରିଷ୍ଠ ନେତା ରହିଛନ୍ତି ।

ବି.ଏଲ୍. ସନ୍ତୋଷଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ଶିବପ୍ରକାଶ ଓ ସୌଦାନ ସିଂଙ୍କୁ ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ କରାଯାଇଛି । ନୂଆ ଟିମ୍ ରେ ଜାତୀୟ ସାଧାରଣ ସମ୍ପାଦକ ଅଛନ୍ତି ସ୍ମୃତି ଇରାନୀ । ତାଙ୍କ ସହ ବିନୋଦ ତାଓ୍ୱଡେ, ସୁନୀଲ ବଂଶଲ, ବିପ୍ଲବ କୁମାର ଦେବ, ଡା. ସତୀଶ ପୁନିଆ, ଗଜେନ୍ଦ୍ର ପଟେଲ, ହରିଶ ଦ୍ୱିବେଦୀ ଓ ସଞ୍ଜୟ ଭାଟିଆଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି । ଦଳ ପକ୍ଷରୁ ୧୬ ଜଣ ନେତାଙ୍କୁ ଜାତୀୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। କବିତା ପାଟିଦାର, କେ. ସୁରେନ୍ଦ୍ରନ, ଡ. ଭୋଲା ସିଂ, ଡ. ପ୍ରଦୀପ ବର୍ମା, ଜଗଦୀଶ ଈଶ୍ୱରଭାଇ ପଟେଲ, ଡ.ସନ୍ଦୀପ ପାଠକ, ଫାଙ୍ଗନନ କୋନ୍ୟାକ, ସଙ୍ଗୀତା ଯାଦବ, ଅନିଲ ଆଣ୍ଟୋନି, ଡ. ଏମ୍. ଭେଙ୍କଟେଶନ, ମନୋଜ ଟିଗ୍‌ଗା, ସିଦ୍ଧାର୍ଥ ଶମ୍ଭୁ, ଡ. ସ୍ୱଦେଶ ସିଂ, ମୃଗାଙ୍କ ଦେଓ ବର୍ମନ, ରୋହନ ଗୁପ୍ତା ଓ ଜୟ ପ୍ରକାଶ ଏହି ତାଲିକାରେ ରହିଛନ୍ତି ।

ସେହିପରି ପୀୟୂଷ ଗୋୟଲଙ୍କୁ ଜାତୀୟ କୋଷାଧକ୍ଷ ଏବଂ ରାଜେଶ ମଙ୍ଗଲଙ୍କୁ ଜାତୀୟ ଯୁଗ୍ମ କୋଷାଧକ୍ଷ କରାଯାଇଛି । ତରୁଣ ଚୁଘଙ୍କୁ କେନ୍ଦ୍ରୀୟ କାର୍ଯ୍ୟାଳୟ ପ୍ରଭାରୀ ଏବଂ ମହେନ୍ଦ୍ର ପାଣ୍ଡେଙ୍କୁ କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱ ମିଳିଛି । ବିଜେପିର ବିଭିନ୍ନ ମୋର୍ଚ୍ଚାର ନେତୃତ୍ୱରେ ମଧ୍ୟ ପରିବର୍ତ୍ତନ ହୋଇଛି । ଡ. ହେମାଙ୍ଗ ଯୋଶୀଙ୍କୁ ଯୁବ ମୋର୍ଚ୍ଚା, ରୂପ କୁମାରୀ ଚୌଧୁରୀଙ୍କୁ ମହିଳା ମୋର୍ଚ୍ଚା, ଅମରପାଲ ମୌର୍ଯ୍ୟଙ୍କୁ ଓବିସି ମୋର୍ଚ୍ଚା ଏବଂ ବଂଶୀଲାଲ ଗୁର୍ଜରଙ୍କୁ କିଷାନ ମୋର୍ଚ୍ଚାର ନେତୃତ୍ୱ ଦିଆଯାଇଛି ।

ସେହିପରି ଶିବେଶ କୁମାର ରାମଙ୍କୁ ଏସ୍ ସି ମୋର୍ଚ୍ଚା, ଡ. ମନ୍ନାଲାଲ ରାଓ୍ୱତଙ୍କୁ ଏସ୍ ଟି ମୋର୍ଚ୍ଚା ଏବଂ କୁଁୱର ବସିତ ଅଲିଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ଜାତୀୟ ସଭାପତି କରାଯାଇଛି । ଆଗାମୀ ନିର୍ବାଚନୀ ଓ ସାଂଗଠନିକ ଚ୍ୟାଲେଞ୍ଜକୁ ନଜରରେ ରଖି ଅଭିଜ୍ଞତା ଓ ନୂଆ ନେତୃତ୍ୱର ସମନ୍ୱୟରେ ଏହି ଟିମ୍ ଗଠନ କରାଯାଇଥିବା ସ୍ପଷ୍ଟ ହେଉଛି । ନୂଆ ଜାତୀୟ ଟିମ୍ ରେ ଓଡ଼ିଶାର ଡକ୍ଟର ସମ୍ବିତ ପାତ୍ରଙ୍କୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ସଂଯୋଜକ ଭାବେ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ଦିଆଯାଇଛି ।

## ହୋଟେଲରେ ଅଗ୍ନିକାଣ୍ଡ, ୭ ମୃତ

ତାରାପୀଠ : ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାରେ ଥିବା ଏକ ହୋଟେଲରେ ସୋମବାର ସକାଳେ ଏହି ଅଗ୍ନିକାଣ୍ଡ ଘଟିଛି । ଏଥିରେ ୭ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇଛି । ନିଆଁ ଲାଗିବାର କାରଣ ଏଯାଏଁ ଜଣାପଡିନାହିଁ । ଘଟଣା ସ୍ଥଳରେ ଉଦ୍ଧାର ଏବଂ ନିଆଁ ଲିଭା କାମ ଚାଲିଛି । ଖବର ମୁତାବକ, ସୋମବାର ସକାଳ ୪ଟାରେ ହୋଟେଲରେ ଅଗ୍ନିକାଣ୍ଡ ଘଟିଛି । ଏଠାରେ ଶ୍ରାବଣ ସୋମବାର ପାଇଁ ଅନେକ ତୀର୍ଥଯାତ୍ରୀ ରହିଥିଲେ । ଭୋର ବେଳେ ଶୋଇଥିବା ବେଳେ ହଠାତ ଏସିରୁ ଧୂଆଁ ବାହାରିଥିଲା । କେହି କିଛି ଭାବିବା ପୂର୍ବରୁ ନିଆଁ ତୁରନ୍ତ ବ୍ୟାପି ଯାଇଥିଲା । ଫଳରେ ଶ୍ରଦ୍ଧାଳୁମାନେ ଫସି ରହିଥିଲେ । ତେବେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । କିନ୍ତୁ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ । କିଛି ଲୋକଙ୍କ ଜୀବନ ଚାଲିଯାଇଥିବା ବେଳେ ଅନେକ ଲୋକ ଜୀବନ୍ତ ଜଳିଯାଇଥିଲେ । ମୃତକଙ୍କ ସଂଖ୍ୟା ଆଗକୁ ବଢିପାରେ ।

# ସ୍ପିନରଙ୍କ କମାଲ, ଶ୍ରୀଲଙ୍କା ୨୮୦ରେ ଅଲ୍ଆଉଟ୍

## ସୁଥର-ଜାଡେଜା-କୁଲଦୀପ ନେଲେ ୮ ୱିକେଟ, ଭାରତ ୧୭୮ ରନ୍‌ରେ ଅଗ୍ରଣୀ, ଦିନୁଶାଙ୍କ ଲଢୁଆ ଶତକ






ଗାଲେ, ୧୭/୮ (ଏଜେନ୍ସି): ଏକଦା ୫୯ ରନରେ ୪ଟି ଓ ୯୦ ରନରେ ଶ୍ରୀଲଙ୍କାର ଅଧା ଖେଳାଳି ପ୍ୟାଭିଲିୟନ ଫେରି ସାରିଥିଲେ। ଘରୋଇ ଟିମକୁ ଫଲୋଅନ ଏଡାଇବାକୁ ଆହୁରି ଅନେକ ରନ ଦରକାର ଥିଲା। ଏତିକି ବେଳେ ସ୍ଥିତି ସମ୍ଭାଳିଥିଲେ ୩ ବର୍ଷ ପରେ ଟିମକୁ ଫେରିଥିବା ନିରୋଶାନ ଡିକୱେଲା ଓ ୨୫ ବର୍ଷୀୟ ସୋନାଲ ଦିନୁଶା।

ଉଭୟ ଦୀର୍ଘ ୩ ଘଣ୍ଟା ଧରି ବ୍ୟାଟିଂ କରିବା ସହ ୬ଷ୍ଠ ୱିକେଟ ପାଇଁ ଯୋଡିଥିଲେ ୧୪୬ ରନ। ବାସ୍ ଏହି ଭାଗିଦାରୀ ଯୋଗୁ ଶ୍ରୀଲଙ୍କା ଗଲ୍‌ରେ ଖେଳା ଯାଉଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଫଲୋଅନ ଏଡାଇ ପାରିଛି।

ପ୍ରଥମ ଇନିଂସରେ ଶ୍ରୀଲଙ୍କା ୨୮୪ ରନ କରି ଅଲଆଉଟ ହୋଇଯାଇଛି। ଡିକୱେଲା ଓ ଦିନୁଶା ଲଇ କରିଥିଲେ ହେଁ ଭାରତ ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୧୭୮ ରନର ଲିଡ ପାଇଛି। ଭାରତ ପାଇଁ ୩ ସ୍ପିନର ମାନବ ସୂତାର, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା କମାଲ କରିଛନ୍ତି। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ମଧ ଦରକାର ବେଳେ ନିଜ ନିଜର ଯାଦୁ ଦେଖାଇଛନ୍ତି।

ଭାରତୀୟ ଟିମ ଶ୍ରୀଲଙ୍କା ଉପରେ ଚାପ ସୃଷ୍ଟି କରିଥିଲେ ହେଁ ପ୍ରଥମ ଦୁଇ ଦିନ ଭଳି ଆଜି ମଧ୍ୟ ବର୍ଷା ଯୋଗୁ ଦିବସର ଖେଳକୁ ଆଗୁଆ ବନ୍ଦ କରି ଦିଆଯାଇଛି। ଖେଳ ଆଗୁଆ ବନ୍ଦ ହୋଇ ଯାଇଥିବାରୁ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିପାରି ନାହିଁ।

ଆସନ୍ତାକାଲି ପାଗ ଭଲ ରହିଲେ ୪ର୍ଥ ଦିନ ଆରମ୍ଭ ହେବ। ଏବେ ଭାରତ ପାଖରେ ମ୍ୟାଚ୍ ଜିତିବାକୁ ଯଥେଷ୍ଟ ସୁଯୋଗ ରହିଛି। କିନ୍ତୁ ଭାରତର ବିଜୟ ଶ୍ରୀଲଙ୍କାର ପାଣିପାଗ ଉପରେ ନିର୍ଭର କରେ।

ଗତକାଲିର ସ୍କୋର ୪୬୦ରେ ଆଜି ଭାରତ ୨ ରନ ଯୋଡିବା ପରେ ଅଲଆଉଟ ହୋଇଥିଲା। ଶେଷ ବ୍ୟାଟର ଭାବେ ପ୍ରସିଦ୍ଧ ଆଉଟ ହୋଇଥିଲେ। ଏହାପରେ ଶ୍ରୀଲଙ୍କା ଆରମ୍ଭ କରିଥିଲା ପ୍ରଥମ ଇନିଂସ। କିନ୍ତୁ ପ୍ରଥମ ଓଭରର ଦ୍ୱିତୀୟ ବଲରେ ମହମ୍ମଦ ସିରାଜ ଖାତା ଖୋଲିବା ଆଗରୁ ନିଶାନ ଫର୍ଣ୍ଣାଣ୍ଡୋଙ୍କୁ ଆଉଟ କରିଥିଲେ।

ଏହାପରେ ବାମହାତୀ ସ୍ପିନ ବୋଲର ମାନବ ସୂତାର ଓ କୁଲଦୀପ ଯାଦବ କମାଲ କରିଥିଲେ। ଶ୍ରୀଲଙ୍କାର ଟପ ୪ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଜଣ ଯାକ ୩ ଜଣଙ୍କୁ ଆଉଟ କରିଥିଲେ। ସୂତାର ୨ଟି ଓ କୁଲଦୀପଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଶ୍ରୀଲଙ୍କା ୫୯ ରନରେ ୪ ୱିକେଟ ହରାଇ ସଂଘର୍ଷ କରିଥିଲା। ଏହି ସମୟରେ ଦିନୁଶା ଓ ଅଧିନାୟକ ଧନଞ୍ଜୟ ଡି'ସିଲଭାଙ୍କ ସହ ମିଶି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋର ୯୦ ଥିବା ବେଳେ ୨୧ ରନ କରି ୫ମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ ଡିସିଲଭା। ତାଙ୍କ ୱିକେଟ ଅଭିଜ୍ଞ ରବୀନ୍ଦ୍ର ଜାଡେଜା ନେଇଥିଲେ।

ଏହି ସମୟରେ ଲାଗୁଥିଲା ଶ୍ରୀଲଙ୍କା ୧୫୦ ରନରୁ ଅଧିକ କରିପାରିବ ନାହିଁ। ହେଲେ ଦିନୁଶା ଓ ଡିକୱେଲା ନିଜ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଉଭୟ ୩ ଘଣ୍ଟା ଧରି ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ଏଥିସହ ନିଜ ନିଜର ଅର୍ଦ୍ଧଶତକ ହାସଲ କରି ଶତକ ଆଡକୁ ବିଥିଲେ। ୨୭ତମ ଓଭରରୁ ଉଭୟ ୬୨ତମ ଓଭର ଯାଏ ଭାରତକୁ କୌଣସି କମବ୍ୟାକର ସୁଯୋଗ ଦେଇ ନଥିଲେ। ଏହାକୁ ଦେଖି ରଣନୀତି ବଦଳାଇଥିଲେ ଅଧିନାୟକ ଶୁବମନ ଗିଲ୍। ସେ ହଠାତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବୋଲିଂ କରିବାକୁ କହିଥିଲେ। ଆଉ ସେ ମଧ ନିରାଶ କରି ନଥିଲେ। ୮୦ ରନରେ ବ୍ୟାଟିଂ କରୁଥିବା ଡିକୱେଲାଙ୍କୁ ୱିକେଟ କିପର ପନ୍ତଙ୍କ ହାତରେ ଆଉଟ କରି ସେ ଭାରତକୁ ବହୁପ୍ରତିକ୍ଷୀତ ସଫଳତା ଦେଇଥିଲେ।

ଡିକୱେଲା ଆଉଟ ହେବା ପରେ ପୁଣି ସ୍ପିନ ଆଟାକକୁ ଫେରିଥିଲା ଭାରତ। ଜାଡେଜା ଓ ମାନବ ସୂତାର ବାକି ୩ ୱିକେଟକୁ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ତଥାପି ଦିନୁଶା ଶତକ ହାସଲ କରିବାକୁ ସକ୍ଷମ ହୋଇଥିଲେ।ଦିନୁଶା ଶତକ ପୂରଣ କରିବା ପରେ ୯ମ ବ୍ୟାଟର ଭାବେ ଜାଡେଜାଙ୍କ ବଲରେ ଆଉଟ ହୋଇଛନ୍ତି। ସେହିପରି ସୂତାର ୧୦ ରନ କରିଥିବା ଲାହିରୁ କୁମାରଙ୍କୁ ଆଉଟ କରି ଶ୍ରୀଲଙ୍କାର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଭାରତ ପକ୍ଷରୁ ସୂତାର ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଜାଡେଜା ୩ଟି, କୁଲଦୀପ, ସିରାଜ ଓ ପ୍ରସିଦ୍ଧ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

# ହକି ବିଶ୍ୱକପ୍ : ଇଂଲଣ୍ଡଠାରୁ ଜିତିବା ସ୍ୱପ୍ନ ଅଧା ରହିଗଲା




ନୂଆଦିଲ୍ଲୀ, ୧୭/୮ : ଦୀର୍ଘ ୩୨ ବର୍ଷର ଇତିହାସକୁ ବଦଳାଇବା ଲକ୍ଷ୍ୟରେ ଥିବା ଭାରତୀୟ ପୁରୁଷ ହକି ଟିମର ସ୍ୱପ୍ନ ପୁଣି ଅଧା ରହି ଯାଇଛି। ଚଳିତ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତୀୟ ଟିମ ଇଂଲଣ୍ଡ ଠାରୁ ହାରି ଯାଇଛି।

ପ୍ରଥମ ହାଫ ଶେଷ ସୁଦ୍ଧା ୨-୧ରେ ଆଗରେ ଥିବା ଭାରତୀୟ ଟିମ ଶେଷରେ ୪-୨ରେ ଇଂଲଣ୍ଡ ଠାରୁ ପରାସ୍ତ ହୋଇଛି। ଶେଷ ଦୁଇ କ୍ୱାର୍ଟରରେ ଇଂଲଣ୍ଡର ଘନଘନ ଆକ୍ରମଣର ଜବାବ ହରମନପ୍ରୀତ ସିଂହଙ୍କ ହକି ଟିମ ଦେବାର ସକ୍ଷମ ହୋଇନି। ଶେଷରେ ଦଳ ୨-୪ରେ ଇଂଲଣ୍ଡ ଠାରୁ ହାରି ଯାଇଛି।

ଚଳିତ ବିଶ୍ୱକପରେ ଏହା ଭାରତର ପ୍ରଥମ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୱେଲ୍ସ ଠାରୁ ୩-୧ରେ ଜିତିଥିଲା। କିନ୍ତୁ ଇଂଲଣ୍ଡ ଠଂରୁ ଦଳ ଆଜି ପରାସ୍ତ ହୋଇଛି। ସେପଟେ ଇଂଲଣ୍ଡ କ୍ରମାଗତ ୨ଟି ବିଜୟ ସହ ଗ୍ରୁପ ଡି'ର ୧ ନମ୍ବର ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି।ଭାରତ ଗ୍ରୁପ ପର୍ଯ୍ୟାୟରେ ନିଜର ଶେଷ ମ୍ୟାଚ୍ ଆସନ୍ତା ୧୯ରେ ପାକିସ୍ତାନ ବିପକ୍ଷରେ ଖେଳିବ। ସେହିପରି ଇଂଲଣ୍ଡ ଶେଷ ମ୍ୟାଚ୍‌ରେ ୱେଲ୍ସ ସହ ଲିବ।

ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ଇଂଲଣ୍ଡ ବିପକ୍ଷରେ ଭାରତ ଦମଦାର ଆରମ୍ଭ କରିଥିଲା। କିନ୍ତୁ ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ଗୋଲ ସ୍କୋର କରି ୧-୦ରେ ଆଗୁଆ ହୋଇ ଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ ସିଂହଙ୍କ ପିସି ଓ ଦୀଲପ୍ରୀତ ସିଂହଙ୍କ ଫିଲ୍ଡ ଗୋଲ ବଳରେ ଭାରତ ଲିଡ୍ ହାସଲ କରିଥିଲା।

କିନ୍ତୁ ତୃତୀୟ କ୍ୱାର୍ଟରରେ ଇଂଲଣ୍ଡର ହେନରୀ କ୍ରଫ୍ଟ ଗୋଲ ସ୍କୋର କରି ସ୍ଥିତି ୩-୨ କରିଥିଲେ। ଭାରତ କମବ୍ୟାକ ପାଇଁ ଚେଷ୍ଟା କରିଥିଲା। ଦଳକୁ ଏକାଧିକ ପିସି ମଧ୍ୟ ମିଳିଥିଲା। ହେଲେ ଏହାର ଫାଇଦା ଭାରତୀୟ ଖେଳାଳିମାନେ ଉଠାଇ ପାରି ନଥିଲେ।ମ୍ୟାଚ୍ ଶେଷ ହେବାକୁ ପ୍ରାୟ ୫ ମିନିଟ ବାକି ଥିବା ବେଳେ ଇଂଲଣ୍ଡକୁ ମିଳିଥିଲା ଆଉ ଏକ ପିସି। ଏହାକୁ ନିକ ବାନ୍ଦୁରାକ ଗୋଲରେ ପରିଣତ କରି ସ୍ଥିତିକୁ ୪-୨ କରି ଦେଇଥିଲେ। ଏଥିସହ ଇଂଲଣ୍ଡର ବିଜୟ ମଧ୍ୟ ପକ୍କା କରିଥିଲେ। ଏହା ବାନ୍ଦୁରାକଙ୍କ ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ଥିଲା।

ଏହି ପରାଜୟ ସହ ବିଶ୍ୱକପରେ ଇଂଲଣ୍ଡ ଠାରୁ ଭାରତ ଜିତିବାକୁ ଦେଖିଥିବା ସ୍ୱପ୍ନ ପୁଣି ଅଧାରେ ରହି ଯାଇଛି। କାରଣ ଭାରତ ଶେଷଥର ଇଂଲଣ୍ଡ ଠାରୁ ୧୯୯୪ ମସିହା ବିଶ୍ୱକପରେ ଜିତିଥିଲା। ଏହାପରେ ୨୦୦୨, ୨୦୦୬ ଓ ୨୦୧୦ରେ ଇଂଲଣ୍ଡ ଲିଗ ପର୍ଯ୍ୟାୟରେ ଭାରତକୁ ପରାସ୍ତ କରିଥିଲା।

୨୦୧୪ ବିଶ୍ୱକପରେ ଇଂଲଣ୍ଡ ୨-୧ରେ ଭାରତ ଠାରୁ ଜିତିଥିଲେ। କିନ୍ତୁ ୨୦୧୮ ବିଶ୍ୱକପରେ ଉଭୟ ଦଳ ପରସ୍ପରକୁ ଭେଟି ନଥିଲେ। ସେହିପରି ୨୦୨୩ ବିଶ୍ୱକପ୍‌ରେ ଭାରତ-ଇଂଲଣ୍ଡ ଲଇ ୨-୨ରେ ଡ୍ର' ରଖିଥିଲା। ଏଥର ପୁଣି ଥରେ ଭାରତ ୪-୨ରେ ଇଂଲଣ୍ଡ ଠାରୁ ହାରିଛି।

# ୩୫୦ ୱିକେଟ କ୍ଲବ୍‌ରେ ଜାଡେଜା




ଗାଲେ, ୧୭/୮ (ଏଜେନ୍ସି): ଟେଷ୍ଟ କ୍ରିକେଟର ଐତିହାସିକ ରେକର୍ଡ କ୍ଲବରେ ଟିମ ଇଣ୍ଡିଆର ଅଭିଜ୍ଞ ଅଲରାଉଣ୍ଡରର ରବୀନ୍ଦ୍ର ଜାଡେଜା। ଟେଷ୍ଟ କ୍ରିକେଟରେ ୩୫୦ ୱିକେଟ ନେଇ ସେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ୪୦୦୦ରୁ ଅଧିକ ରନ ଓ ଅତିକମରେ ୩୫୦ଟି ୱିକେଟ ନେଇଥିବା କିଛି ହାତ ଗଣତି କ୍ରିକେଟରଙ୍କ ମଧ୍ୟରେ ଜାଡେଜା ନିଜକୁ ସାମିଲ କରିପାରିଛନ୍ତି। ସେ କିମ୍ବଦନ୍ତୀ ଖେଳାଳି କପିଲ ଦେବଙ୍କ ସମକକ୍ଷ ହୋଇପାରିଛନ୍ତି।

ଜାଡେଜାଙ୍କୁ ଏହି ଐତିହାସିକ ସଫଳତା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନରେ ମିଳିଛି। ଜାଡେଜା ଐତିହାସିକ ରେକର୍ଡ ସହ ଭାରତର ୫ମ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟରେ ୩୫୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି। ଏହି କ୍ଲବରେ ପୂର୍ବରୁ ଅନୀଲ କୁମ୍ବଲେ, ରବିଚନ୍ଦ୍ରନ ଅଶ୍ୱିନ, କପିଲ ଦେବ ଓ ହରଭଜନ ସିଂହ ରହିଥିଲେ। ଜାଡେଜେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଅଭିଯାନ ୮୯ଟି ମ୍ୟାଚ୍‌ରେ ୪୦୯୫ ରନ ଓ ୩୪୮ ୱିକେଟ ସହ ଆରମ୍ଭ କରିଥିଲେ। ଏହାର ଅର୍ଥ ଐତିହାସିକ ସଫଳତା ପାଇଁ ତାଙ୍କୁ ୨ଟି ୱିକେଟ ଦରକାର ଥିଲା।

ସେ ଶ୍ରୀଲଙ୍କାର କେଶାରା ନୁୱାନ୍ଥାଙ୍କୁ ଆଉଟ କରି ନିଜ ୩୫୦ତମ ୱିକେଟ ହାସଲ କରିଛନ୍ତି। ଜାଡେଜା ପ୍ରଥମ ଇନିଂସରେ ୩ଟି ସଫଳତା ପାଇଥିବାରୁ ଏବେ ତାଙ୍କ ଟେଷ୍ଟ ୱିକେଟ ସଂଖ୍ୟା ୩୫୧ରେ ପହଞ୍ଚି ଯାଇଛି। ଟେଷ୍ଟରେ ୪ ହଜାରରୁ ଅଧିକ ରନ ସହ ୩୫୦ ୱିକେଟ ନେଇଥିବା ତାଲିକାର ପ୍ରଥମ ସ୍ଥାନରେ କପିଲ ଦେବ ରହିଛନ୍ତି। ସେ ୫୨୪୮ ରନ ସହ ନିଜ ଟେଷ୍ଟ କ୍ୟାରିୟରରେ ୪୩୪ଟି ୱିକେଟ ନେଇଥିଲା।ତାଙ୍କ ବ୍ୟତୀତ ଏହି ତାଲିକାରେ ଇଆନ ବୋଥାମ(୫୨୦୦ ରନ ଓ ୩୮୩ ୱିକେଟ) ଓ ଡାନିଏଲ ଭେଟୋରି(୪୫୩୧ ରନ ଓ ୩୬୨ ୱିକେଟ) ରହିଥିଲେ। ଏବେ ଜାଡେଜା ଏମାନଙ୍କ ସହ ଯୋଗ ଦେଇଛନ୍ତି। ଜାଡେଜାଙ୍କ ୩୫୦ ୱିକେଟ ସଫଳତା ଟେଷ୍ଟ କ୍ରିକେଟରେ ତାଙ୍କୁ ତୃତୀୟ ସଫଳ ବାମହାତୀ ସ୍ପିନର କରିପାରିଛି। ତାଙ୍କ ଉପରେ ଶ୍ରୀଲଙ୍କାର ରଙ୍ଗାନା ହେରାଥ(୪୩୩) ଓ ନ୍ୟୁଜିଲ୍ୟାଣ୍ଡର ଭେଟୋରି(୩୬୨) ରହିଛନ୍ତି।

# ୨୨ରୁ କଳିଙ୍ଗରେ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍

ଭୁବନେଶ୍ୱର ୧୭/୦୮ : ବିଶ୍ୱସ୍ତରୀୟ ଆଥଲେଟ୍‌ଙ୍କ ଉପସ୍ଥିତିରେ ଚଳଚଞ୍ଚଳ ହେବ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍। ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ଇଣ୍ଡିଆନ୍ ଓପନ୍ ୱାର୍ଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୬। ଗତବର୍ଷ କାଂସ୍ୟ ପଦକ ପାଇଁ ଏହା ଖେଳା ଯାଇଥିବା ବେଳେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଏହା ରୌପ୍ୟ ପଦକ ପାଇଁ ଆୟୋଜନ କରାଯିବ।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ମେଗା କ୍ରୀଡ଼ା ଇଭେଣ୍ଟରେ ୨୮ଟି ଦେଶରୁ ମୋଟ ୧୮୮ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିରେ ଭାରତର ୮୮ ଜଣ ପ୍ରତିଯୋଗୀ ସାମିଲ ହେବେ। ମହିଳା ଓ ପୁରୁଷ ବର୍ଗରେ ମୋଟ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ।ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ଶ୍ରୀଶଙ୍କର, ଏସୀୟ ସଟ୍‌ଫୁଟ୍ ଚାମ୍ପିଅନ୍ ରୋହିତ ଯାଦବ ଏବଂ ଓଡ଼ିଆ ଧାବକ ଅନିମେଷ କୁଜୁର୍‌ଙ୍କ ଉପରେ ବିଶେଷ ନଜର ରହିବ। ଅନ୍ତର୍ଜାତୀୟ ମଞ୍ଚରେ ନିଜର ପରିଚୟ ସୃଷ୍ଟି କରିଥିବା ବ୍ରାଜିଲ୍ ଓ ନାଇଜେରିଆ ସମେତ ବିଭିନ୍ନ ଦେଶର ଆଥଲେଟ୍‌ଙ୍କ ଅଂଶଗ୍ରହଣ ପ୍ରତିଯୋଗିତାକୁ ଆହୁରି ରୋମାଞ୍ଚକର କରିବ।୪୦୦ ମିଟର ଦୌଡ଼, ସଟ୍‌ଫୁଟ୍, ଡିସ୍କସ୍, ଜାଭେଲିନ୍ ଥ୍ରୋ ଏବଂ ହର୍ଡଲ୍ସ ଭଳି ଇଭେଣ୍ଟରେ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ବିଶେଷକରି ଭାରତୀୟ ଓ ଓଡ଼ିଆ ଆଥଲେଟ୍‌ମାନେ ଘରୋଇ ପରିବେଶର ଫାଇଦା ନେଇ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଆଥଲେଟ୍ ମାନଙ୍କ ପାଇଁ ଆର୍ଥିକ ପୁରସ୍କାର ମଧ୍ୟ ରହିଛି। ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପୁରସ୍କାର ଦିଆଯିବ। ସେହିପରି ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ଥିବା ଆଥଲେଟ୍‌ଙ୍କୁ ଯଥାକ୍ରମେ ୬୦୦, ୪୦୦ ଓ ୨୦୦ ଡଲାର ପ୍ରଦାନ କରାଯିବ।ଏନେଇ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ତଥା ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମୁଖପାତ୍ର ଆଦିଲ୍ଲି ସୁମେରୀବାଲା, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲା ଏବଂ କ୍ରୀଡ଼ା ସଚିବ ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲାଙ୍କ ସୂଚନା ଅନୁସାରେ, ଆସନ୍ତା ୨୦ ତାରିଖରେ ଆଉ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଓଡ଼ିଶାରୁ ଅଂଶଗ୍ରହଣ କରୁଥିବା ଆଥଲେଟ୍ ଏବଂ ଭାରତୀୟ ପ୍ରତିଯୋଗୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯିବ।

# ପଏଣ୍ଟ ଭାଗ କଲେ ଭାରତ-ଚୀନ

ନୂଆଦିଲ୍ଲୀ, ୧୭/୦୮ ; ମହିଳା ବିଶ୍ୱକପ୍ ?ରେ ଭାରତୀୟ ଦଳ ଆଜି ଚୀନ ସହ ପଏଣ୍ଟ ଭାଗ କରିଛି । ଏହି ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା । ଆସନ୍ତା ୧୮ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଭେଟିବ । ପୁଲ ଡି'ରେ ଭାରତ ଓ ଚୀନ ମୁହାଁମୁହିଁ ହୋଇଥିଲେ । ଅଷ୍ଟମ ମିନିଟରେ ନଭନୀତ କୌର ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଭାରତର ଗୋଲ ଖାତା ଖୋଲିଥିଲେ । କିନ୍ତୁ ଭାରତର ଏହି ଖୁସି ବେଶି ସମୟ ରହି ନଥିଲା । ୧୫ ମିନିଟରେ ଚୀନ ଏହି ଗୋଲ ପରିଶୋଧ କରି ସ୍ଥିତି ୧-୧ କରିଥିଲା । ୨୫ ମିନିଟରେ ଦୀପିକା ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ଅଗ୍ରଣୀ କରାଇଥିଲେ । ୩୯ ମିନିଟରେ ଚୀନ ପୁଣି ଏକ ଗୋଲ ଦେଇ ସ୍ଥିତି ୨-୨ କରିଥିଲା । ଏହାପରେ ଦୁଇ ଦଳ ବିଜୟୀ ହେବା ପାଇଁ କଡା ସଂଘର୍ଷ କରିଥିଲେ । କିନ୍ତୁ କେହି ଗୋଲ ଦେବାରେ ସଫଳ ହୋଇ ନଥିଲେ । ଶେଷରେ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା । ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା । ପୁଲର ଦ୍ୱିତୀୟ ମ୍ୟାଚରେ ଇଂଲଣ୍ଡ ୪-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇଛି । ସେହିପରି ପୁଲ ବି'ରେ ଜର୍ମାନୀ ୩-୦ରେ ସ୍କଟଲାଣ୍ଡକୁ ହରାଇଥିଲାବେଳେ ଆର୍ଜ ?ଣ୍ଟିନା ଓ ଯୁକ୍ତରାଷ୍ଟ୍ର ଆମେରିକା ୧-୧ ଗୋଲରେ ମ୍ୟାଚକୁ ଡ୍ର' ରଖିଥିଲେ । ପୁଲ ଏ'ରେ ଅଷ୍ଟ୍ରେଲିଆ ୨-୦ରେ ଜାପାନକୁ ଏବଂ ନେଦରଲାଣ୍ଡସ ୨-୦ରେ ଚିଲିକୁ ହରାଇଛି ।

## ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍

# ବିଶ୍ୱ ବିଜେତାକୁ ବିଦା କଲେ ଭାରତର ଆୟୁଷ




ନୂଆଦିଲ୍ଲୀ, ୧୭/୮ : ଅଗଷ୍ଟ ୧୭ ଶି ୟୁକିଙ୍କ ପାଇଁ ଗୋଟିଏ ଖରାପ ଦିନ। ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପ ଡେବ୍ୟୁ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଦିନ ଠାରୁ ଏକଥା କୋଚ ବିମଳ କୁମାର ନିୟମିତ ଭାବେ ଆୟୁଷ ଶେଟ୍ଟୀଙ୍କୁ କହି ଆସୁଥିଲେ। ଏକଥାକୁ ସତ କରିବାକୁ ସବୁ ଦିନ ଲାଗି ପଡିଥିଲେ ବିମଳ କୁମାର। ଆଉ ଅଗଷ୍ଟ ୧୭କୁ ସତରେ ବିଶ୍ୱର ୧ ନମ୍ବର ଖେଳାଳି ଶି ୟୁକିଙ୍କ ପାଇଁ ଖରାପ ସାବ୍ୟସ୍ତ ହୋଇଛି। ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପର ଡେବ୍ୟୁରେ କମାଲ କରିଛନ୍ତି ଭାରତର ଆୟୁଷ ଶେଟ୍ଟୀ। ସେ ଚାଇନାର ଏହି ଷ୍ଟାର ଖେଳାଳିଙ୍କୁ ଚମତ୍କାର ଢଙ୍ଗରେ ପରାସ୍ତ କରି ପ୍ରଥମ ରାଉଣ୍ଡରୁ ବିଦା କରି ଦେଇଛନ୍ତି।

କର୍ଣ୍ଣାଟକାର ୨୧ ବର୍ଷୀୟ ଆୟୁଷ ଶେଟ୍ଟୀ ନିଜର ଡେବ୍ୟୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସମସ୍ତଙ୍କୁ ଜଳକା କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱର ଏକ ନମ୍ବର ଖେଳାଳି ଶି ୟୁକିଙ୍କୁ ସେ ୨୧-୧୪, ୧୩-୨୧, ୨୧-୧୯ରେ ପରାସ୍ତ କରି ନିଜ କ୍ୟାରିୟରର ସବୁଠୁ ବଡ଼ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ସ୍ମାଶ୍ ସହ ଚମତ୍କାର ଡିଫେନ୍ସ ବଳରେ ଆୟୁଷ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଘରୋଇ ଦର୍ଶକମାନେ ମଧ୍ୟ ତାଙ୍କୁ ସମର୍ଥନ ଦେବାରେ କୌଣସି ଅବହେଳା କରି ନଥିଲେ। ଶି ୟୁକିଙ୍କ ବିପକ୍ଷରେ ଏହା ଆୟୁଷଙ୍କ ପ୍ରଥମ ବିଜୟ। ଏହା ପୂର୍ବରୁ ଉଭୟଙ୍କ ମଧ୍ୟରେ ହୋଇଥିବା ୩ଟି ଯାକ ମୁକାବିଲାରେ ଆୟୁଷ ପରାସ୍ତ ହୋଇଥିଲେ। ଚଳିତ ବର୍ଷ ଆରମ୍ଭରେ ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ମଧ ଶି ୟୁକିଙ୍କ ଠାରୁ ସିଧାସଳଖ ଗେମ୍‌ରେ ଆୟୁଷଙ୍କୁ ହାରିବାକୁ ପଡିଥିଲା।

ଭିକ୍ଟର ଆକ୍‌ସେଲସେନ ହେଉଛନ୍ତି ଆୟୁଷ ନିଜର ଆଦର୍ଶ। ସୋମବାର ଦିଲ୍ଲୀର ଆଇଜିଆଇ ଷ୍ଟାଡିୟମ୍‌ରେ ଆୟୁଷ ନିଜ ଆଦର୍ଶଙ୍କଠାରୁ ଶିଖିଥିବା ଧୈର୍ଯ୍ୟର ଝଲକ ଦେଖାଇଥିଲେ। ଆଉ ନିଜର ପ୍ରଦର୍ଶନ ଜରିଆରେ ସେ ଦର୍ଶକଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ୬ ଫୁଟ୍ ୪ ଇଞ୍ଚ ଉଚ୍ଚତାର ଆୟୁଷ ନିଜ ଶକ୍ତିଶାଳୀ ସ୍ମାଶ୍‌ରେ ଶି ୟୁକିଙ୍କୁ ପ୍ରଥମ ଗେମ୍‌ରୁ ହିଁ ଚାପରେ ରଖିଥିଲେ। ଶେଷରେ ଏହାକୁ ସେ ୨୧-୧୪ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ କମବ୍ୟାକ କରିଥିଲେ ବିଶ୍ୱର ଏକ ନମ୍ବର ଖେଳାଳି ଶି ୟୁକି। ସେ ଲଗାତାର ପଏଣ୍ଟ ହାସଲ କରି ଏହାକୁ ୨୧-୧୩ରେ ନିଜ ସପକ୍ଷରେ କରିଥିଲେ। ଫଳରେ ମ୍ୟାଚ୍ ନିର୍ଣ୍ଣାୟକ ତୃତୀୟ ସେଟ୍‌କୁ ଯାଇଥିଲା। ଏହି ସେଟ୍‌ରେ ଆୟୁଷ ପୁଣି ନିଜ ଲୟକୁ ଫେରିଥିଲେ। ତାଙ୍କ ସ୍ମାଶ୍‌ର ଜବାବ ଶି ୟୁକିଙ୍କ ପାଖରେ ନଥିଲା। ତଥାପି ସେ କିଛି ମାତ୍ରାରେ ଲଇ କରିଥିଲେ। ଆୟୁଷ ମଧ୍ୟ ହାର ମାନିବା ମୁଡରେ ନଥିଲେ। ଶେଷରେ ଏହି ସେଟ୍‌କୁ ୨୧-୧୯ରେ ଆୟୁଷ ଜିତି ବଡ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982